# ନୂଆ ପାର୍ଲାମେଣ୍ଟରେ ଝଟକୁଛି ଜନଜାତି ଚିତ୍ରକଳା

## ପ୍ରକଳ୍ପ ଦାୟିତ୍ୱରେ ଥିଲେ ଓଡ଼ିଶାର ସତ୍ୟଭାମା





ଭୁବନେଶ୍ୱର,୧।୬(ବ୍ୟୁରୋ)

ନୂଆ ପାର୍ଲାମେଣ୍ଟ ଭବନର ପିପୁଲ୍ସ ୱାଲ୍‌ରେ ଝଟକୁଛି ସାରା ଭାରତର ଜନଜାତି ଚିତ୍ରକଳା। ଆଉ ଏହି ଚିତ୍ରକଳାକୁ ସମ୍ପାଦନା କରିଛନ୍ତି ୨ଜଣ ଚିତ୍ରକର। ଜଣେ ବିହାର ଓ ଆଉଜଣେ ଓଡ଼ିଶାର। ଭୁବନେଶ୍ୱରର ୪୨ବର୍ଷୀୟା ସତ୍ୟଭାମା ମାଝି ଏହି ପ୍ରକଳ୍ପର ମୁଖ୍ୟ ଦାୟିତ୍ୱରେ ରହିଥିଲେ। ଦିଲ୍ଲୀ ଲଳିତ କଳା ଏକାଡେମୀ ପକ୍ଷରୁ ତାଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଥିଲା। ୭୦ଜଣ ମହିଳା ଚିତ୍ରକରଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ଏହି ଚିତ୍ରକଳାରେ ସତ୍ୟଭାମା ଓଡ଼ିଶାରୁ ୭ଜଣ ଦକ୍ଷ ଚିତ୍ରକରଙ୍କୁ ନେଇଥିଲେ। ଟ୍ରାଇବାଲ ଆର୍ଟରେ ଅଭିପ୍ସା ପ୍ରଧାନ, ଟ୍ରାଡିଶନାଲ ଆର୍ଟରେ ରୂପାଲି ରୁଚିସ୍ମିତା କର ଓ ସ୍ନେହଲତା ମହାରଣା, ସଉରା ଆର୍ଟରେ ଜିଲି ଗମାଙ୍ଗ, ଡଙ୍ଗରିଆ ଟେକ୍ସଟାଇଲ୍‌ରେ ତେଲା ୱାଡାକା, ଡଙ୍ଗରିଆ ଚିତ୍ରକଳାରେ ଲାହାରି କୁଣ୍ଡିକା, ପଟ୍ଟଚିତ୍ରରେ ଜ୍ୟୋତି ମହାରଣା ପ୍ରମୁଖ ରହିଥିଲେ। ଦୀର୍ଘ ୮ମାସ ଧରି ବିହାରରେ ପ୍ରସ୍ତୁତ ହୋଇଥିଲା ଏହି ଚିତ୍ରକଳା। ଗବେଷଣାଠୁ ନେଇ ଅର୍ଗାନିକ ରଙ୍ଗ ପ୍ରସ୍ତୁତ, ବୁଣାକାମ, ପେପର ୱାର୍କ ଭଳି ବିଭିନ୍ନ କାରୁକାର୍ଯ୍ୟ କରାଯାଇଛି। ୮୦ଫୁଟ ଦୀର୍ଘ ଓ ୯ଫୁଟ ପ୍ରଶସ୍ତ ବିଶିଷ୍ଟ କାନ୍ଥରେ ଜନ, ଜନନୀ, ମାତୃଭୂମି ଥିମ୍‌ରେ ଚିତ୍ର ଏହି ଚିତ୍ରକଳା ସ୍ଥାନ ପାଇଛି। ଏଥିରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବିଶେଷ କରି ଗାଁରେ ଜୀବନ, ମା'ର ଭୂମିକା ଆଦିକୁ ଦର୍ଶାଯାଇଛି। ପିପୁଲ୍ସ ୱାଲ୍‌ରେ ମୁଖ୍ୟତଃ ସୁଜାନି ଆର୍ଟ, କୋହବର ଆର୍ଟ, ସୋହରାଇ ପେଣ୍ଟିଂ, ସଞ୍ଝୀ କଳା, ପଟ୍ଟଚିତ୍ର, ମଧୁବନୀ କଳା, ସଉରା ପେଣ୍ଟିଂ, ସାନ୍ତାଳ, ଡଙ୍ଗରିଆ ଆର୍ଟ ଏବଂ ଟେକ୍ସଟାଇଲ, ଗୋଣ୍ଡ ପେଣ୍ଟିଂ, କାଳିଘାଟ ପେଣ୍ଟିଂ, ୱର୍ଲି ପେଣ୍ଟିଂ ସହିତ ଲୋକକଳା ଏବଂ ଚିତ୍ରକଳା ପ୍ରଦର୍ଶିତ ହୋଇଛି।

ଏ ସମ୍ପର୍କରେ ସତ୍ୟଭାମା କହିଛନ୍ତି, ଜଣେ ଓଡ଼ିଆ ହିସାବରେ ସେଠାରେ ଏକ ନୂଆ ଇତିହାସ ଲେଖିପାରିଛି। ସବୁଦିନ ପାଇଁ ଓଡ଼ିଶାର ନାମ ସେ କାନ୍ଥରେ ଲେଖା ହୋଇରହିବ। ଏହି ଅନୁଭୂତି ସ୍ୱତନ୍ତ୍ର। ଦେଶର ୭୦ ମହିଳା ଚିତ୍ରକରଙ୍କ ସହ କାମ କରି ନିଜକୁ ଗର୍ବିତ ମନେ କରୁଛି। ଏଥିସହ ଭାରତରେ ଥିବା କେତେ ଲୋକକଳା, ଆଦିବାସୀ, ଜନଜାତି, କଳା, ସଂସ୍କୃତି ସହ ପରିଚିତ ହେଲି। ସେଠାରେ ଆମେ ଅର୍ଗାନିକ ରଙ୍ଗ ପ୍ରସ୍ତୁତ କରୁଥିଲୁ। ଯାହା ମୁଁ ଏଠାରୁ (ଓଡ଼ିଶା ମାଟିରୁ) ଶିଖିଛି, ତାହା ସେଠି କାର୍ଯ୍ୟରେ ଲଗାଇଛି। ନୂତନ ଭାରତର ସଂସଦ କାନ୍ଥରେ ବିଭିନ୍ନ କଳା ରୂପକୁ ଅମର କରିବାରେ ମହିଳା ଶିଳ୍ପୀଙ୍କ ମହତ୍ତ୍ୱକୁ ନେଇ ସେ କହିଛନ୍ତି, ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ମହିଳା ଶିଳ୍ପୀଙ୍କୁ ପୁରସ୍କାରପ୍ରାପ୍ତ ଶିଳ୍ପୀଙ୍କ ସହିତ ସେମାନଙ୍କ ସୃଜନଶୀଳ କାର୍ଯ୍ୟ ପ୍ରଦର୍ଶନ କରିବାର ସୁଯୋଗ ଦିଆଯାଇଥିଲା। ବିହାରର ମଧୁବନୀ ଗ୍ରାମରେ ଆୟୋଜିତ ଏହି କଳା ଶିବିର ସ୍ୱପ୍ନର ପ୍ରକଳ୍ପ ପାଇଁ ମନୋନୀତ ଶିଳ୍ପୀଙ୍କୁ ଏକତ୍ର କରିଥିଲା। ଓଡ଼ିଶାରୁ ଯାଇଥିବା ଅନ୍ୟ ଶିଳ୍ପୀମାନେ ସଉରା, ସାନ୍ତାଳ, ଡଙ୍ଗରିଆଙ୍କ ଚିତ୍ର ସହ ଓଡ଼ିଶାର ପଟ୍ଟଚିତ୍ର ମଧ୍ୟ ସ୍ଥାନିତ କରିଛନ୍ତି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ୨ ଦିନିଆ ଜାତୀୟ ସିଏ ସମ୍ମିଳନୀ, ହୋଟେଲ ପାଲ୍ ହାଇଟ୍ସ, ପୂର୍ବାହ୍ନ ୧୦ଟା ୩୦।
- ଆଶାବରୀ ସାଂସ୍କୃତିକ ସମାଜର ୧୯ତମ ବାର୍ଷିକୋତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା।
- ଶୀତଳ ଷଷ୍ଠୀ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରା 'ବିପ୍ଳବୀ କୃତ୍ତିବାସ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।
- ସଂଯୁକ୍ତା ପାଣିଗ୍ରାହୀ ଆୱାର୍ଡ ଅଫ୍ ଏକ୍ସିଲେନ୍ସ-୨୦୨୩, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୭ଟା।

**କଟକ**

- ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଆସୋସିଏଶନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖ, ଗୋଡ଼ିସାହି, ବାରଙ୍ଗ, ପୂର୍ବାହ୍ନ ୧୧ଟା।
- ବୈଜ୍ଞାନିକ ପଦ୍ମଭୂଷଣ ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ପୁଣ୍ୟତିଥି ଓ ସମ୍ମାନ ପ୍ରଦାନ ସମାରୋହ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।

# ଅଚ୍ୟୁତ ସାମନ୍ତଙ୍କୁ 'ମାନବବାଦର ମହାନାୟକ ସମ୍ମାନ'




ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧।୬(ବ୍ୟୁରୋ)

ପ୍ରତ୍ୟେକଙ୍କୁ ପ୍ରେମ କରିବା, ସମ୍ମାନ ଦେବା ଓ ଆପଣେଇବା ହେଉଛି ଶ୍ରେଷ୍ଠ ଜୀବନାଦର୍ଶ। ନିଜ ଜୀବନକୁ ଆନନ୍ଦମୟ କରିବା ସହିତ ସମାଜ ପାଇଁ ଆନନ୍ଦ ବାଣ୍ଟିବା ଆବଶ୍ୟକ। ମାନବ ସେବା ହିଁ ଜୀବନର ସାର୍ଥକତା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ଗୁରୁବାର ରାଜଭବନରେ ଓଡ଼ିଶା ସଚେତନ ନାଗରିକ ଫୋରମ୍ ଏବଂ ସଂସ୍କୃତି ଓ ସଂସ୍କୃତି ପକ୍ଷରୁ ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ କହିଲେ, ଡ. ସାମନ୍ତଙ୍କ ସାଧନା ଓ ସିଦ୍ଧି ଖୁବ୍ ପ୍ରେରଣାଦାୟୀ। ସେ ଶୁଦ୍ଧ ଚେତନାର ଏକ ପ୍ରତୀକ। ନିଜର କର୍ମ ମାଧ୍ୟମରେ ସେ ପୃଥିବୀରେ ଶାଶ୍ୱତ ଭାବର ପ୍ରବାହ ସୃଷ୍ଟି କରିପାରିଛନ୍ତି। 'ଆର୍ଟ ଅଫ୍ ଗିଭିଙ୍ଗ୍' ମାଧ୍ୟମରେ ସେ ପ୍ରେମ, କରୁଣା ଓ ମାନବିକତାର ଶୁଦ୍ଧ ବାତାବରଣ ସୃଷ୍ଟି କରିଛନ୍ତି, ଯାହାର ମୂଲ୍ୟ ମୂଲ୍ୟାତିତ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ସେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ 'ମାନବବାଦର ମହାନାୟକ' ସମ୍ମାନ ପ୍ରଦାନ କରିଥିଲେ। ଡ. ସାମନ୍ତ କହିଛନ୍ତି, ନିଜର ସଂଘର୍ଷମୟ ଜୀବନ ହିଁ ତାଙ୍କ ପାଇଁ ପ୍ରେରଣା। ଲୋକଙ୍କ ସେବା କରିବା ପାଇଁ ଭଗବାନ ତାଙ୍କୁ ମାଧ୍ୟମ କରିଛନ୍ତି। ସମ୍ପ୍ରତି ପୃଥିବୀରେ ୧୨୦ଟି ଦେଶରେ ଆର୍ଟ ଅଫ୍ ଗିଭିଙ୍ଗ୍‌ର ବାର୍ତ୍ତା ସମ୍ପ୍ରସାରିତ ହୋଇଥିବା ସେ କହିଛନ୍ତି। ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସିନେ ସମୀକ୍ଷକ ଦିଲୀପ ହାଲି, ସନ୍ଥ ରାମନାରାୟଣ ଦାସ୍‌ଜୀ ମହାରାଜ, ଲୁଟୁ ମହାନ୍ତି, ତନ୍ମୟ ସ୍ୱାଇଁ, ମୃତ୍ୟୁଞ୍ଜୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପାଇଁ ୨୦୯କୋଟି

କୋଣାର୍କ,୧।୬(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟମନ୍ଦିର ପାରିପାର୍ଶ୍ୱିକ ଅଞ୍ଚଳ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ୨୦୯କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏ ନେଇ ଗୁରୁବାର ସ୍ଥାନୀୟ ଥାନାଛକ ବିଜେଡି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହା ଉପରେ ଆଲୋଚନା ହୋଇଛି। ଏଥିରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା,ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ନଗର ବିଜେଡି ସଭାପତି ଗୋପାଳ ବେହେରା, ପଦ୍ମଚରଣ ବେଉରା ପ୍ରମୁଖ ଯୋଗଦେଇଥିଲେ। ଖୁବ୍‌ଶୀଘ୍ର କୋଣାର୍କ ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱ କାର୍ଯ୍ୟ ଆରମ୍ଭ ହେବ। ସୂର୍ଯ୍ୟ ମନ୍ଦିର ପ୍ରବେଶ ପଥରେ ଆକର୍ଷଣୀୟ ଗେଟ, ଯାନବାହନ ପାର୍କିଂ ବ୍ୟବସ୍ଥା, ମୁକ୍ତାକାଶ ରଙ୍ଗମଞ୍ଚ ରୂପାନ୍ତରଣ, ରାସ୍ତା ପ୍ରଶସ୍ତୀକରଣ ଓ ସଂଯୋଗକରଣ, ବ୍ୟବସାୟୀଙ୍କ ନିମନ୍ତେ ଭେଣ୍ଡିଂ ଜୋନ ନିର୍ମାଣ ହୋଇ ୧୮ ମାସ ମଧ୍ୟରେ ଶେଷ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପର୍ଯ୍ୟଟନସ୍ଥଳୀ କୋଣାର୍କ ଅଞ୍ଚଳର ବିକାଶ ପାଇଁ ୨ଶହ ୯କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହୋଇ ୧୮ ମାସରେ ସରିବ। ପର୍ଯ୍ୟଟନସ୍ଥଳୀର ବିକାଶ ସହିତ ଏଠାକାର ବ୍ୟବସାୟୀମାନେ ବିଶେଷ ଉପକୃତ ହେବେ ବୋଲି ମନ୍ତ୍ରୀ ବେହେରା କହିଥିଲେ। ସୂଚନାଥାଉକି, ସୂର୍ଯ୍ୟମନ୍ଦିରର ପାରିପାର୍ଶ୍ୱିକ ବିକାଶକୁ ଅନ୍ତର୍ଜାତୀୟସ୍ତରୀୟ ରୂପରେଖ ଦେବା ପାଇଁ ବିଭିନ୍ନ କାର୍ଯ୍ୟ ଆରମ୍ଭ ହୋଇଛି। ୬ଲେନ ରିଙ୍ଗ୍ ରୋଡ୍ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଦ୍ୟୁତରଞ୍ଜନ



@ହିମାଂଶୁ



@ ଶାନ୍ତନୁ



@ ସୌମ୍ୟ



@ ଜଗନ୍ନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୩ରୁ ବକୁଳ ଷ୍ଟୋରି ଟେଲିଙ୍ଗ୍ ଫେଷ୍ଟିଭାଲ

ଭୁବନେଶ୍ୱର,୧।୬(ବ୍ୟୁରୋ)

ବକୁଳ ଫାଉଣ୍ଡେଶନ ପକ୍ଷରୁ ସତ୍ୟନଗରସ୍ଥିତ ବକୁଳ ପାଠାଗାରରେ ୨ଦିନିଆ ବକୁଳ ଷ୍ଟୋରି ଟେଲିଙ୍ଗ୍ ଫେଷ୍ଟିଭାଲ ଶନିବାରଠାରୁ ଆରମ୍ଭ ହେବ। ଏଥିରେ ପିଲାମାନେ ଗପ, ନୃତ୍ୟ ଓ ସହରର ଶ୍ରେଷ୍ଠ ଗଳ୍ପକାରଙ୍କଠାରୁ ଗଳ୍ପ ଶୁଣିବାର ମଜା ନେଇପାରିବେ। ବିଦ୍ୟାଳୟ ଓ ବିଭିନ୍ନ ସଙ୍ଗଠନ ଦ୍ୱାରା ଆୟୋଜିତ ଗ୍ରୀଷ୍ମକାଳୀନ ଶିବିରର ଅଧିକାଂଶ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇସାରିଛି। ପିଲାଙ୍କ ପାଖରେ ଏବେ ମଧ୍ୟ ଗ୍ରୀଷ୍ମ ଅବକାଶର କିଛି ସପ୍ତାହ ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଉତ୍ସବ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଚାଲିବ। ଏଥିରେ ବୃତ୍ତିଗତ ଗଳ୍ପକାରଙ୍କ ସମେତ ସହରର ୨୦ରୁ ଅଧିକ ଶ୍ରେଷ୍ଠ ଗଳ୍ପକାର, ଶିକ୍ଷକ, ବିଦ୍ୟାର୍ଥୀ, ଅବସରପ୍ରାପ୍ତ ବ୍ୟକ୍ତି, ଜେଜେମା' ଓ ଗୃହିଣୀମାନେ ଯୋଗଦେଇ ମନପସନ୍ଦର କାହାଣୀ ଇଂଲିଶ୍, ଓଡ଼ିଆ ଏବଂ ହିନ୍ଦୀ ଭାଷାରେ କହିବେ। ଏ ନେଇ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କହିଛନ୍ତି, ଆମେ ଯେତେବେଳେ ପ୍ରଥମଥର ପାଇଁ ଭୁଫେଷ୍ଟୋ ଆରମ୍ଭ କରିଥିଲୁ, ସେତେବେଳେ ଆମେ ଏହି ମହୋତ୍ସବକୁ ଆମନ୍ତ୍ରଣ କରିବା ପାଇଁ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରର ଓଡ଼ିଆ ଗଳ୍ପକାରଙ୍କୁ ଖୋଜିବା ପାଇଁ ସଂଘର୍ଷ କରିଥିଲୁ। କିନ୍ତୁ ଏବେ ଆମ ସହ ବହୁ ସଂଖ୍ୟାରେ ଲୋକପ୍ରିୟ ତଥା ବିଶିଷ୍ଟ ଗଳ୍ପକାର ଯୋଡ଼ି ହୋଇଛନ୍ତି। ତେଣୁ କେବଳ ସ୍ଥାନୀୟ ଗଳ୍ପକାରମାନଙ୍କୁ ନେଇ ମଧ୍ୟ ଏକ ଗଳ୍ପ ମହୋତ୍ସବ ଆୟୋଜନ ହୋଇପାରିବ ବୋଲି ସେ କହିଛନ୍ତି।



ପୂର୍ବରୁ ବକୁଳ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଷ୍ଟୋରି ଟେଲର ପ୍ରାଚୀ ତାରା।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡିଶା ନାଟ୍ୟ ସଂଘର ନାଟ୍ୟଧାରାରେ ଗୁରୁବାର ଭଞ୍ଜକଳା ମଣ୍ଡପରେ ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ପରିବେଷିତ ନାଟକ ' ଏକ ଦୁଇ ତିନି'ର ଏକ ଦୃଶ୍ୟ।

# ମନ ମୋହିଲା ବିଭିନ୍ନ ରାଜ୍ୟର ଲୋକନୃତ୍ୟ

**ଜାତୀୟ ଲୋକମେଳା ଓ କୃଷିମେଳାର ତୃତୀୟ ଦିବସ**

ପୁରୀ ଅଫିସ, ୧।୬

ଶରଧାବାଲିରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆୟୋଜିତ ଜାତୀୟ ଲୋକମେଳା ଓ କୃଷିମେଳାର ତୃତୀୟ ଦିନରେ ଗୁରୁବାର ବିଭିନ୍ନ ଲୋକନୃତ୍ୟ ପ୍ରଦର୍ଶନ ହୋଇଛି। ପଞ୍ଜାବର ଭାଙ୍ଗ୍‌ଡ଼ା, ରାଜସ୍ଥାନର କାଲବେଲିୟା ଓ କେରଳର କନ୍ୟରକଳି ନୃତ୍ୟରେ ଦୁଲୁକିଛି ମଞ୍ଚ। ଗୁଜରାଟ, ନାଗାଲାଣ୍ଡ, ତାମିଲନାଡୁ ସମେତ ୧୭ଟି ରାଜ୍ୟର ଲୋକନୃତ୍ୟ ଦଳ ସେମାନଙ୍କ ଲୋକନୃତ୍ୟରେ ହଜାର ହଜାର ଦର୍ଶକଙ୍କୁ ଅଭିଭୂତ କରିଛନ୍ତି। ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସଙ୍ଗଠନର ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପୁରୀ ଷ୍ଟେଟ ବ୍ୟାଙ୍କ ଶାଖା ମୁଖ୍ୟ ପରିଚାଳକ ବିଜୟ କୁମାର ଶତପଥୀ, ଗବେଷକ ଭାସ୍କର ମିଶ୍ର, ସାମାଜିକ କର୍ମୀ ପ୍ରତିମା ମିଶ୍ର ଏବଂ ପୁରୀ ବାର୍ ଆସୋସିଏଶନ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଂଯୋଜକ ହେକ୍ଟର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଭରତ ନାୟକ, ବିଶ୍ୱନାଥ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଚନ୍ଦ୍ର ବିଜୟୀ ମିଶ୍ର ସଞ୍ଚାଳନ କରିଥିବାବେଳେ ନାରାୟଣ ପାତ୍ର, ଦାମୋଦର ଶତପଥୀ, ଦେବେନ୍ଦ୍ର ମହାପାତ୍ର, ସୌମ୍ୟ ରଞ୍ଜନ ମିଶ୍ର, ପ୍ରତାପ ଦଳେଇ, ପୂର୍ଣ୍ଣ ଚନ୍ଦ୍ର ଓଝା, ପୁଷ୍କର ସାହୁ, ଗୌତମ ମିଶ୍ର ସହଯୋଗ କରିଥିଲେ।



ମହାରାଷ୍ଟ୍ରର କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

**କଳିଙ୍ଗ ଭାରତୀ ବିଦ୍ୟା ବିସ୍ତାର ସମିତିର ଶିକ୍ଷକ ପ୍ରଶିକ୍ଷଣ ଶିବିର**

**କଟକ ଅଫିସ:** ଚାନ୍ଦିନୀଚୌକସ୍ଥିତ କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିରରେ ୩ ଦିନିଆ ଶିକ୍ଷକ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଳିଙ୍ଗ ଭାରତୀ ବିଦ୍ୟା ବିସ୍ତାର ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କୁଶାସନ ରଣା ଯୋଗଦେଇ ଶିକ୍ଷକମାନଙ୍କୁ ମୂଲ୍ୟବୋଧଭିତ୍ତିକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ରାଜ୍ୟ ସମ୍ପାଦକ ଚିତ୍ତରଞ୍ଜନ ପାଢ଼ୀ, କଳିଙ୍ଗ ଭାରତୀ ବିଦ୍ୟା ବିସ୍ତାର ସମିତିର ଉପଦେଷ୍ଟା ସତ୍ୟବ୍ରତ ବେହେରା, ସଭାପତି କାର୍ତ୍ତିକେଶ୍ୱର ପାଣି, ପାଠ୍ୟକ୍ରମ ନିର୍ଦ୍ଦେଶକ ଡ. ବସନ୍ତ ମଞ୍ଜରୀ ନନ୍ଦ, ନିର୍ଦ୍ଦେଶିକା ସାନୁ ସାହୁ ଯୋଗଦେଇଥିଲେ।



## ସଂକ୍ଷେପରେ

### ବିଭିନ୍ନ କାର୍ଯ୍ୟ ତଦାରଖ କଲେ ମେୟର

**କଟକ ଅଫିସ,୧।୬:** କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନ ୫ନଂ. ୱାର୍ଡରେ ମୋ ୱାର୍ଡ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳେ ମେୟର ସୁବାସ ସିଂ ମର୍କତ ନଗର ପୋଲିସ ଷ୍ଟେଶନ ନିକଟ ହାଜିରା ପଏଣ୍ଟ ପାଖରେ ପହଞ୍ଚି ପରିମଳ ବ୍ୟବସ୍ଥା ତଦାରଖ କରିଥିଲେ। ପରେ ପୂର୍ବାହ୍ନ ୧୦ଟାରେ ମେୟରଙ୍କ ସହିତ କମିଶନର ନିଖିଲ ପୱନ କଲ୍ୟାଣ, ମୁଖ୍ୟଯନ୍ତ୍ରୀ ନନ୍ଦ କିଶୋର ପାଲ, ସହକାରୀ ଯନ୍ତ୍ରୀ ଦେବେନ୍ଦ୍ର କୁମାର ପ୍ରଧାନ, ୱାଟ୍‌କୋର ସହକାରୀ ଯନ୍ତ୍ରୀ ଜଗନ୍ନାଥ ସାହୁ, ଜାଇକା ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା ଉପସ୍ଥିତ ଥିଲେ। ଉକ୍ତ ୱାର୍ଡରେ ଥିବା ସମସ୍ତ ସ୍କୁଲ, ଖେଳପଡିଆ, ଡାକ୍ତରଖାନା, ପାର୍କ, ନୂତନ ଭାବେ ନିର୍ମାଣ ହେଉଥିବା ଡ୍ରେନ୍ କାର୍ଯ୍ୟ ତଦାରଖ କରାଯିବା ସହିତ ଅଧିକାରୀମାନଙ୍କୁ କମିଶନର ଏବଂ ମେୟର ତୁରନ୍ତ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତୃତୀୟ ସୋପାନରେ ଅପରାହ୍ନ ୩ଟାରେ ସ୍ଥାନୀୟ ଆଶ୍ରୟ ଦି ସେଲ୍‌ଟର ସମ୍ମୁଖ ପଡ଼ିଆରେ ସ୍ୱୟଂ ସହାୟିକା ଗୋଷ୍ଠୀର ୩୦୦ ସଭ୍ୟାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଅପରାହ୍ନ ୫ଟାରେ ଉକ୍ତ ସ୍ଥାନରେ ସ୍ଥାନୀୟ ଯୁବଶକ୍ତି, କ୍ଲବ ସଦସ୍ୟ ଏବଂ ଷ୍ଟ୍ରିଟ୍ ଭେଣ୍ଡର୍‌ସମାନଙ୍କ ସଦସ୍ୟଙ୍କୁ ନେଇ ଏକ ବୈଠକ ହୋଇଥିଲା। ଦେବେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ, କାଳୀ ଚରଣ ସ୍ୱାଇଁ, ଜିତେନ୍ଦ୍ର ବାରିକ, ବିଜ୍ଞାନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ଉଦ୍ୟମ, ଅଭିଯୁକ୍ତ ଗିରଫ

**କଟକ ସଦର,୧।୬(ଡି.ଏନ୍.ଏ.):** ମନ୍ଦିରରୁ ଚୋରି ଉଦ୍ୟମ କରିବା ଅଭିଯୋଗରେ କିଶନ ନଗର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ ବଡ଼ କୋରକରା ଗ୍ରାମର ରାକେଶ ବେହେରା। ବୁଧବାର ରାତିରେ ଅଭିଯୁକ୍ତ ଜଣଙ୍କ ସୋମପୁରସ୍ଥିତ ସାଇ ଓ ହନୁମାନ ମନ୍ଦିରରେ ସ୍ଥାପନ କରାଯାଇଥିବା ହୁଣ୍ଡି ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୦୫/୨୩) ରୁଜୁ କରିଛି।

# ଶିଶୁଭବନ ଆହାର କେନ୍ଦ୍ର ସମ୍ମୁଖରେ ଧାରଣା

କଟକ ଅଫିସ,୧।୬


ଶିଶୁଭବନ ଆହାର କେନ୍ଦ୍ର ସମ୍ମୁଖରେ ଏସ୍‌ଏଚ୍‌ଜି ମହିଳାମାନେ ଧାରଣାରେ ବସିଛନ୍ତି।

କଟକ ଶିଶୁଭବନ ଆହାର କେନ୍ଦ୍ରରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ଏକ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମାନଙ୍କୁ ସିଏମ୍‌ସି ପକ୍ଷରୁ ଗୁରୁବାର ହଠାତ୍ ବାହାର କରି ଦିଆଯାଇଥିଲା। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରି ଶିଶୁଭବନ ଆହାର କେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଥିଲେ। ଦଳୀୟ ଆଧାରରେ ମା' ଅନ୍ନପୂର୍ଣ୍ଣା ଏସ୍‌ଏଚ୍‌ଜି ଗ୍ରୁପ୍‌କୁ କାର୍ଯ୍ୟରୁ ବାହାର କରି ଦିଆଯାଇଛି। ସିଏମ୍‌ସିର ମନମୁଖି କାର୍ଯ୍ୟ ଓ ୧୧ ନମ୍ବର ୱାର୍ଡ କର୍ପୋରେଟର ଆରତି ସାହୁଙ୍କ ନିର୍ଦ୍ଦେଶରେ ଏଭଳି କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏଭଳି ଅଚାନକ ଭାବେ ବାହାର କରିଦିଆଯିବା ଯୋଗୁ ଋଣ ଟଙ୍କା କିପରି ସୁଝିବେ ତାହାକୁ ନେଇ ସେମାନେ ଚିନ୍ତାରେ ପଡିଛନ୍ତି। ଏନେଇ ମା' ଅନ୍ନପୂର୍ଣ୍ଣା ଏସ୍‌ଏଚ୍‌ଜିର ସମ୍ପାଦିକା ମନସ୍ୱିନୀ ଦୀକ୍ଷିତ କହିଛନ୍ତି, ଗତ ମେ' ୧ରେ ଆମକୁ କୁହାଗଲା ପୁଣିଥରେ ଟେଣ୍ଡର ପକାଇବାକୁ। ତେଣୁ ଆମେ ଟେଣ୍ଡର ପକାଇଲୁ। ଟେଣ୍ଡର ପାଇଁ ଦିଆଯାଇଥିବା ନିୟାମବଳୀ ସବୁ ଠିକ୍ ଥିଲେ ସୁଦ୍ଧା ଆମକୁ ଟେଣ୍ଡର ମିଳିଲା ନାହିଁ। ୩ଟି ଆହାର କେନ୍ଦ୍ର ପାଇଁ ଟେଣ୍ଡର ଡକାଯାଇଥିଲା। ସେଥିମଧ୍ୟରୁ ୨ଟି କେନ୍ଦ୍ରରେ ପୂର୍ବ ଗ୍ରୁପ୍ ମହିଳାମାନଙ୍କୁ ନିଯୁକ୍ତି ମିଳିଥିବାବେଳେ ଆମକୁ ବାହାର କରାଯାଇ ଅନ୍ୟ ଏକ ଗୋଷ୍ଠୀର ମହିଳାଙ୍କୁ ନିଯୁକ୍ତି ଦିଆଯାଇଥିଲା। ଗତ ୨୯ ତାରିଖରେ ଆମକୁ ଡାକି ମୌଖିକ ଭାବେ କୁହାଗଲା ଜୁନ୍ ୧ରୁ କାର୍ଯ୍ୟରେ ଯୋଗ ଦେବାକୁ ଆସିବ ନାହିଁ। ଏଥିପାଇଁ ଆମକୁ କୌଣସି ନୋଟିସ ଦିଆଯାଇ ନାହିଁ। ପୂର୍ବଭଳି ଗୁରୁବାର କାର୍ଯ୍ୟରେ ଯୋଗଦେବାକୁ ଆସିବାବେଳେ ଆମକୁ ଆହାର କେନ୍ଦ୍ର ଭିତରକୁ ପ୍ରବେଶ କରିବାକୁ ଦିଆଗଲା ନାହିଁ। ସିଏମ୍‌ସି କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ କର୍ପୋରେଟରଙ୍କ ସଲାସୁତୁରାରେ ଏଭଳି କରାଯାଇଛି। ଏପରିକି କର୍ପୋରେଟର କାମ କରି ଦେବା ପାଇଁ ୪୦ ହଜାର ଟଙ୍କା ଦାବି କରିଥିବା ପ୍ରମାଣ ଆମ ନିକଟରେ ଅଛି ବୋଲି ସେ କହିଛନ୍ତି। ଏ ନେଇ ଆମେ ଗୁରୁବାର ସିଏମ୍‌ସି ଡେପୁଟି କମିଶନରଙ୍କୁ ଭେଟିବାକୁ ଯାଇଥିଲେ ସୁଦ୍ଧା ସୁଫଳ ମିଳିଲା ନାହିଁ। ତେବେ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି

#### ବିନା ନୋଟିସରେ କାର୍ଯ୍ୟରୁ ବାହାର କରିଦେଲେ

ମହିଳାମାନେ ଚେତାବନୀ ଦେଇଛନ୍ତି। ଶୁକ୍ରବାର ସିଏମ୍‌ସିରେ ଧାରଣା ଦେବେ ବୋଲି ଗ୍ରୁପ୍ ସଭାପତି ଜୟନ୍ତୀ ଦୀକ୍ଷିତ୍, ସସ୍ମିତା ବେହେରା, ପ୍ରମିଳା ମହାପାତ୍ର, ମଧୁସ୍ମିତା ଦାସ, ସସ୍ମିତା ଦାସ କହିଛନ୍ତି। ଏନେଇ ସିଏମ୍‌ସି ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଏସ୍‌ଏଚ୍‌ଜି ମହିଳାଙ୍କ ଏଭଳି ଅଭିଯୋଗକୁ କର୍ପୋରେଟର ସାହୁ ଖଣ୍ଡନ କରିଛନ୍ତି। ଏ ନେଇ ସେ କହିଛନ୍ତି, ମୋ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଯାହା ବି ହୋଇଛି ଅଫିସିଆଲ ପ୍ରୋସେସ୍‌ରେ ହୋଇଛି। ସେମାନେ ଦୀର୍ଘବର୍ଷ ହେବ ବେଆଇନ ଭାବେ କାର୍ଯ୍ୟ କରିଆସୁଥିବାବେଳେ ଟେଣ୍ଡର ସମ୍ପର୍କରେ କାହାକୁ ସୂଚନା ଦେଉନାହାନ୍ତି। ଏଥିରେ ମୋର କୌଣସି ହସ୍ତକ୍ଷେପ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ବ୍ରିଜ୍‌ଭୂଷଣଙ୍କ ଗିରଫ ଦାବିରେ ବିକ୍ଷୋଭ

କଟକ ଅଫିସ, ୧।୬

ଭାଜପା ଏମ୍‌ପି ତଥା ଭାରତୀୟ କୁସ୍ତି ମହାସଂଘ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି ଦିଲ୍ଲୀର ଯନ୍ତରମନ୍ତରଠାରେ ମହିଳା କୁସ୍ତିଯୋଦ୍ଧାମାନେ ଆନ୍ଦୋଳନ ଚଳାଇଛନ୍ତି। ବ୍ରିଜ୍ ଭୂଷଣଙ୍କୁ ଗିରଫ କରିବା ଦାବିରେ କଟକରେ ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ କର୍ମଚାରୀ ଫେଡେରେଶନ ପକ୍ଷରୁ କଲେଜ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗୁରୁବାର ବିକ୍ଷୋଭ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଆଇଟିୟୁସିର ବରିଷ୍ଠ ନେତା କିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଆଇଟିୟୁ ଜିଲା ସଭାପତି ରବିନାରାୟଣ ମଲ୍ଲିକ ଯୋଗଦେଇ କହିଥିଲେ, ବ୍ରିଜ୍‌ଭୂଷଣଙ୍କୁ କେନ୍ଦ୍ର ସରକାର ଘଣ୍ଟ ଘୋଡାଉଛନ୍ତି। ଏଣୁ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଜୋରଦାର କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ ବ୍ରିଜ୍‌ଭୂଷଣଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଆଇଏନ୍‌ଟିୟୁସି ନେତା ତଥା ଆଡଭୋକେଟ୍ ଆକାଶ ଭୂୟାଁ, ଏଆଇଟିୟୁସିର ସମ୍ପାଦକ ବିନୋଦ ବେହେରା, ଏଆଇୟୁଟିୟୁସିର ସୌଭାଗ୍ୟ ସାମଲ, କୃଷକ ସଭା ନେତା ବଦ୍ରିନାରାୟଣ ଦାଶ, ଅଭୟ କୁମାର ଦାସ, ଗଣତାନ୍ତ୍ରିକ ମହିଳା ସମିତିର ଜିଲା ସଭାନେତ୍ରୀ ଇନ୍ଦୁମତୀ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଯୁକ୍ତ୨ ପରୀକ୍ଷା: ଶ୍ରଦ୍ଧାଞ୍ଜଳି ବିଦ୍ୟାଳୟ ଟପ୍ପର

କଟକ ଅଫିସ, ୧।୬

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୁଧବାର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ଛାତ୍ରୀ ଶ୍ରଦ୍ଧାଞ୍ଜଳି ରାୟ ୯୨% ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ମୋଟ ୧୦୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲାବେଳେ ପ୍ରଥମ ଶ୍ରେଣୀରେ ୮୧ ଏବଂ ଦ୍ୱିତୀୟ ଶ୍ରେଣୀରେ ୨୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସ୍ୱଚ୍ଛ ପରିବେଶ ଗଠନକୁ ଗୁରୁତ୍ୱ

କଟକ ଅଫିସ, ୧।୬

କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନ ବାଦାମବାଡିସ୍ଥିତ ବିକାଶ ଭବନଠାରେ ରିଡ୍ୟୁସ୍-ରିୟୁଜ୍-ରିସାଇକଲ୍ (ଆର୍‌ଆର୍‌ଆର୍) କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଏହାକୁ ଉଦ୍‌ଘାଟନ କରି ବର୍ଜ୍ୟବସ୍ତୁ ହ୍ରାସ, ପୁନଃ ବ୍ୟବହାର ଓ ପ୍ରକ୍ରିୟାକରଣ କରାଯାଇ ପରିବେଶକୁ ସୁସ୍ଥ ରଖିବା ଏହାର ଉଦ୍ଦେଶ୍ୟ ବୋଲି କହିଥିଲେ। ଅବ୍ୟବହୃତ ପୁରୁଣା ପୋଷାକ, ବହି, କାଗଜ, ଜୋତା, ଚପଲ, କଣ୍ଢେଇ ଓ ଶାଢ଼ି ଆଦି ଏଣେତେଣେ ନ ପକାଇ ଏହି କେନ୍ଦ୍ରରେ ଦେବାପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅପରପକ୍ଷରେ ସହକାରୀ କମିଶନର ତ୍ରିନାଥ ବେହେରା କହିଥିଲେ,

#### ଆର୍‌ଆର୍‌ଆର୍ କେନ୍ଦ୍ର ଖୋଲିଲା

ବର୍ଜ୍ୟବସ୍ତୁ ହ୍ରାସ ସହ ପୁନଃ ବ୍ୟବହାର ଏବଂ ପ୍ରକ୍ରିୟାକରଣ କରାଯାଇ ଏକ ସୁସ୍ଥ ପରିବେଶ ସୃଷ୍ଟି କରାଯାଇପାରିବ। ଏହାଦ୍ୱାରା 'ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା' ଗଠନ ସମ୍ଭବ ହୋଇପାରିବ। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରୁ ଗୃହିଣୀମାନେ ଉକ୍ତ କେନ୍ଦ୍ରକୁ ଆସି ଅବ୍ୟବହୃତ ପୋଷାକ, ଖେଳନା, ଜୋତା, ଚପଲ ଓ ବହି ଆଦି ଦାନ କରିଥିଲେ। ଦେଶବ୍ୟାପୀ ଚାଲିଥିବା 'ମେରି ଲାଇଫ୍ ଓ ମେରା ସ୍ୱଚ୍ଛ ସହର' ଅଭିଯାନ ପରିପ୍ରେକ୍ଷୀରେ ଏହି ଆର୍‌ଆର୍‌ଆର୍ କେନ୍ଦ୍ର ବିକାଶ ଭବନରେ ଉଦ୍‌ଘାଟିତ ହୋଇଯାଇଛି। ପରବର୍ତ୍ତୀ ସମୟରେ ସିଏମ୍‌ସିର ୫୯ଟି ୱାର୍ଡରେ ଏହି କେନ୍ଦ୍ର ଖୋଲାଯିବ ବୋଲି ସହକାରୀ କମିଶନର ବେହେରା ସୂଚନା ଦେଇଛନ୍ତି।

### ଜମି ବିବାଦ ଘଟଣା, ୩ ଗିରଫ

ଚୌଦ୍ୱାର,୧।୬ (ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ହରିଡ଼ାପାଳ ଗ୍ରାମର ଏକ ଜମିକୁ ନେଇ ଉପୁଜିଥିବା ବିବାଦ ଘଟଣାରେ ପୋଲିସ ଗୁରୁବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ବିଶ୍ୱନାଥ ମହାନ୍ତ, ହୃଷୀକେଶ ମହନ୍ତ ଓ ଦିବାକର ମହନ୍ତ। ଏହି ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ପରିବାର ଉକ୍ତ ଜମିରେ ଦୀର୍ଘବର୍ଷ ହେବ ବାସ କରୁଥିଲେ। ଗତ ଏପ୍ରିଲରେ କଟକର ଜଣେ ବ୍ୟକ୍ତି ଉକ୍ତ ଜମିକୁ ସଫା କରିବାକୁ ପ୍ରୟାସ କରୁଥିଲେ। ଏହି ସମୟରେ ଗ୍ରାମବାସୀ ଓ ଉକ୍ତ ବ୍ୟକ୍ତିଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଚୌଦ୍ୱାର ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲା। ଉକ୍ତ ଜମିର ମାଲିକାନା ସ୍ୱତ୍ୱ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଥିବା କାଗଜପତ୍ରରୁ ଜାଣିବା ପରେ ପୋଲିସ ଗଣ୍ଡଗୋଳକାରୀ ମଧ୍ୟରୁ ୩ ଜଣଙ୍କୁ ଗିରଫ କରିଥିଲା।

# ସରସ୍ୱତୀ ବିଜ୍ଞାନ କଲେଜର ପାସ୍ ହାର ଶତପ୍ରତିଶତ



କାର୍ଯ୍ୟକ୍ରମରେ ଅଧ୍ୟାପକ, କୃତୀ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

କଟକ ଅଫିସ,୧।୬

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୁଧବାର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ କଟକସ୍ଥିତ ସରସ୍ୱତୀ ବିଜ୍ଞାନ କଲେଜ ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। କଟକ ଲିଙ୍କ୍‌ରୋଡ ଓ ତ୍ରିଶୁଳିଆର ବେଲଗଛିଆଠାରେ ଅବସ୍ଥାପିତ ଉକ୍ତ କଲେଜ୍‌ର ପାସ୍ ହାର ଶତ ପ୍ରତିଶତ ରହିଛି।

#### ଯୁକ୍ତ ୨ ପରୀକ୍ଷାଫଳ

ମୋଟ ୨୬୦ ଜଣଙ୍କ ମଧ୍ୟରୁ ୭ ଜଣ ୯୦% ରୁ ଊର୍ଦ୍ଧ୍ୱ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଲକ୍ଷ୍ମୀପ୍ରିୟା ଜେନା ସର୍ବାଧିକ (୫୬୦) ନମ୍ବର ରଖିଥିବାବେଳେ ମନୀଷା ଧଳ(୫୫୭), ମନୀଷା ପାଢୀ (୫୪୪), ସତ୍ୟଜିତ୍ ବିଶ୍ୱାଳ(୫୪୮), ସ୍ଥିତପ୍ରଜ୍ଞ ସାମନ୍ତରାୟ(୫୪୬), ସ୍ମରଣିକା ଦାଶ(୫୪୨), କମଳ ଲୋଚନ ଭୋଇ(୫୪୫) ନମ୍ବର ରଖିଛନ୍ତି। ମୋଟ ୪୫ ଜଣ ଛାତ୍ରୀଛାତ୍ର ୮୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଏହି ଅବସରରେ କଲେଜ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ଚେୟାରମ୍ୟାନ୍ ଡ. ଦେବଦତ୍ତ ସ୍ୱାଇଁ ଓ ଅଧ୍ୟକ୍ଷ ଡ. ବିଶ୍ୱଜିତ୍ ତ୍ରିପାଠୀ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ କଠିନ ପରିଶ୍ରମ ପାଇଁ ଅଧ୍ୟାପିକା, ଅଧ୍ୟାପକଙ୍କୁ ଧନ୍ୟବାଦ ଦେଇଥିଲେ।



## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ଗମ୍ଭାରୀମୁଣ୍ଡା,(ଡି.ଏନ୍.ଏ.): ବାଣପୁରର ଐତିହାସିକ ପଲଟଣ ପଡ଼ିଆର ଶହୀଦ କୃତ୍ତିବାସ ପାଟ୍ଟଶାଣୀ ସ୍ମୃତି ଭବନରେ ଟିମ୍ ୪୯୯ ଓଡ଼ିଶା ଓ ଜୟ ହିନ୍ଦ୍ ସେବା ଫାଉଣ୍ଡେଶନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଶତାଧିକ ରୋଗୀ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରାମର୍ଶ ସହିତ ଔଷଧ ନେଇଥିଲେ। ଶିବିରରେ ଡା. ଦେବାଶିଷ ଷଡ଼ଙ୍ଗୀ, ଡା. ଦିବ୍ୟଜିତ୍ ସାହୁ, ଡା. ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ୭ ଜଣିଆ ଡାକ୍ତରୀ ଟିମ୍, ଟିମ୍ ୪୯୯ ଓଡ଼ିଶାର ଖୋର୍ଦ୍ଧା ଜିଲା ସଭାପତି ରାକେଶ ସାହୁ, ଜୟ ହିନ୍ଦ୍ ସେବା ଫାଉଣ୍ଡେଶନ ସଭାପତି ସେକ କୌଶର, ବାଣପୁର ଏନ୍ଏସି ଚେୟାରମ୍ୟାନ୍ ମିଟୁ ନାୟକ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ରେଳଧାରଣାରେ ଶୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କଲେ ଯୁବକ

ନିରାକାରପୁର,୧।୬(ଡି.ଏନ୍.ଏ.): ନିରାକାରପୁର ରେଲଓ୍ୱେ ଲେଭଲ କ୍ରସିଂ ନିକଟ ଦକ୍ଷିଣ ଦିଗ ରେଳଧାରଣାରୁ ଯୁବକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଜଣେ ବ୍ୟକ୍ତିଙ୍କ ଜୀବନ ରକ୍ଷା ପାଇଯାଇଛି। ତେବେ ରକ୍ଷା ପାଇଥିବା ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବଞ୍ଚାଇଥିବା ଯୁବକ ହେଲେ ସ୍ଥାନୀୟ ଅଞ୍ଚଳର ଅନିଲ ସେନାପତି। ଅନିଲଙ୍କ କହିବାନୁଯାୟୀ, ଏକ କମ୍ପ୍ଲେକ୍ସ ଉପର ମହଲାରେ ସନ୍ଧ୍ୟା ୭ଟାରେ ଛିଡ଼ା ହୋଇଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ରେଳଧାରଣାରେ ଶୋଇଛନ୍ତି ଏବଂ ଏକ ଦ୍ରୁତଗାମି ଟ୍ରେନ୍ ପାଖାପାଖି ହୋଇଗଲାଣି ଦେଖିବାକୁ ପାଇଥିଲେ। ସେ ଦୌଡିକି ଯାଇ ଉକ୍ତ ବ୍ୟକ୍ତିଙ୍କୁ ଧାରଣା ଉପରୁ ବାହାରକୁ ଆଣିବା ପରେ ଟ୍ରେନ୍‌ଟି ସାଙ୍ଗେ ସାଙ୍ଗେ ପାସ୍ କରିଯାଇଥିଲା। ପରେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଇଦିଆଯାଇଛି। ଏହି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ଅନିଲଙ୍କୁ ସାଧୁବାଦ ଜଣାଇଛନ୍ତି। ତେବେ ସ୍ଥାନୀୟ ରେଲଓ୍ୱେ ଫାଣ୍ଡିର ଜଣେ କର୍ମଚାରୀ ସେଠାରେ ନିଶାଶକ୍ତ ଅବସ୍ଥାରେ ହାହଲ୍ଲା କରୁଥିବାରୁ ଅନ୍ୟ ସୁରକ୍ଷାବଳମାନେ ତାଙ୍କୁ ତାଗିଦ୍ କରୁଥିବା ଦେଖିବାକୁ ମିଳିଛି।

# ଅମଲା ସାମୂହିକ ଛୁଟିରେ ଯିବା ପରେ ଅଚଳାବସ୍ଥା

■ସରକାରୀ କାର୍ଯ୍ୟ ଠପ୍

■ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୧।୬


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ପ୍ରକାରେ ଜିଲାସ୍ତରୀୟ ଅମଲା ମଞ୍ଚ ସହିତ ଜଡ଼ିତ ଖୋର୍ଦ୍ଧା ଜିଲାରେ କାର୍ଯ୍ୟରତ ପ୍ରାୟ ୧୪ଶହ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। ଗୁରୁବାରଠାରୁ ସମୂହ ଛୁଟିରେ ରହି ରାଜରାସ୍ତାକୁ ଓହ୍ଲାଇଛନ୍ତି। ଫଳରେ ଜିଲାରେ ସରକାରୀ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ଜୁଡିସିଆରି ଏବଂ ଗୃହ ବିଭାଗ କର୍ମଚାରୀଙ୍କୁ ବାଦ୍‌ଦେଲେ ସମସ୍ତ କାର୍ଯ୍ୟାଳୟରେ କର୍ମଚାରୀ ଶୂନ୍ୟ ରହିଥିଲା। ଫଳରେ ବିଭିନ୍ନ କାମରେ ଆସିଥିବା ଲୋକେ ନିରାଶ ହୋଇ ଫେରିଥିଲେ। ସେପଟେ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଜିଲାର ସମସ୍ତ ଅମଲା ଛୁଟିରେ ରହିବେ ବୋଲି ଚେତାବନୀ ଦିଆଯାଇଛି।

ଗୁରୁବାର ସକାଳ ୮ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅମଲାମାନେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡ଼ିଶାରେ କାର୍ଯ୍ୟରତ ଜିଲାସ୍ତରୀୟ ଅମଲାଙ୍କ ପ୍ରତି ସରକାର ଅଣଦେଖା କରୁଛନ୍ତି। ପଦୋନ୍ନତିରେ ପାତରଅନ୍ତର ଏବଂ କନିଷ୍ଠ ସହାୟକ ଲେଭଲ ୪ରୁ ୯କୁ ପଦୋନ୍ନତି, ଗ୍ରେଡ ପେ ୧୯ଶହରୁ ୪୨ଶହ ଟଙ୍କା ବୃଦ୍ଧି ଦାବିରେ ଅମଲା ମଞ୍ଚ ଦୀର୍ଘଦିନ ଧରି ଦାବି କରି ଆସୁଥିବା ବେଳେ ସରକାର କୌଣସି କର୍ଣ୍ଣପାତ କରୁନାହାନ୍ତି। ୨୦୧୭ ମସିହାରୁ ଜିଲାସ୍ତରୀୟ ଅମଲାଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ ରହିଥିଲେ ମଧ୍ୟ ବେତନରେ କୌଣସି ଅଭିବୃଦ୍ଧି କରାଯାଉନାହିଁ। ଏନେଇ ଅମଲା ମଞ୍ଚ ପକ୍ଷରୁ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇଛି। କୌଣସି ପଦକ୍ଷେପ ନିଆଯାଇନାହିଁ। ଜିଲାସ୍ତରୀୟ ଅମଲାମାନେ ତୃଣମୂଳସ୍ତରରେ ରହି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସହଯୋଗ କରୁଛନ୍ତି। ଉପରୋକ୍ତ ଦାବି ଉପରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ସମସ୍ତ ଅମଲା ଛୁଟିରେ ରହିବେ। ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଜିଲା ସଭାପତି ଅଶୋକ ପଣ୍ଡା, ଆବାହକ ସନ୍ତୋଷ କୁମାର ନିଶଙ୍କ ଚେତାବନୀ ଦେଇଛନ୍ତି।

# ସ୍ୱାଭିମାନ ବଞ୍ଚାଅ ଆହ୍ୱାନରେ ଶୋଭାଯାତ୍ରା

## ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ

ବେଗୁନିଆ,୧।୬(ଡି.ଏନ୍.ଏ.)

ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ପରିଣତ କରିବା ପାଇଁ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି ହେଲେ ସୁଫଳ ମିଳୁନାହିଁ। ଯୋଗ୍ୟତା ଥାଇ ମଧ୍ୟ ସରକାରୀ ତାଲିକାରୁ ବାଦ୍ ପଡ଼ିଛି। ଫଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ପାର୍ଶ୍ୱରେ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ଗଣ ସତ୍ୟାଗ୍ରହ ଗୁରୁବାର ୧୧ଦିନରେ ପହଞ୍ଚିଛି। ସଭାପତି ଲାଲା ଦିଲୀପ ରାୟଙ୍କ ଅଧ୍ୟକ୍ଷତାରେ ବସିଥିବା ସତ୍ୟାଗ୍ରହରେ ଆୟୋଜକ କମିଟିର ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ ଓ ପ୍ରମୁଖ ସଙ୍ଗଠନମାନେ ଦୈନିକ ସାମିଲ ହୋଇଆସୁଛନ୍ତି। ବେଗୁନିଆ ମାଟିର ସ୍ୱାଭିମାନ ବଞ୍ଚାଅ ଆହ୍ୱାନରେ ଜନ ଜାଗରଣ ସୃଷ୍ଟି ପାଇଁ ଗୁରୁବାର ସନ୍ଧ୍ୟାରେ ଶୋଭାଯାତ୍ରା ବାହାରିଥିଲା। ସମସ୍ତ ଗଳି ଓ ସାହି ବୁଲି ସୁନ୍ଦର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଜନସାଧାରଣଙ୍କୁ ସଚେତନ ବାର୍ତ୍ତା ଦିଆଯାଇଥିଲା।

# ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

ଜଟଣୀ,୧।୬(ଡି.ଏନ୍.ଏ.)

ଜଟଣୀ ବିଦ୍ୟୁତ୍ ବିଭାଗର ଖାମଖିଆଲ କାର୍ଯ୍ୟକୁ ନେଇ ଉପଭୋକ୍ତାଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଘୋଷିତ ବିଦ୍ୟୁତ୍ କାଟ, ବିଦ୍ୟୁତ୍ ବିଲ୍‌ରେ ଅନିୟମିତତା, ଉପଭୋକ୍ତାଙ୍କ ଉପରେ ବିଦ୍ୟୁତ୍ ବିଭାଗର କର୍ମଚାରୀ ଓ ଉପଭୋକ୍ତାଙ୍କ ମଧ୍ୟରେ ବଚସା ସହିତ ମାରପିଟ ହେବା ଘଟଣା ଦେଖିବାକୁ ମିଳୁଛି। ଜଟଣୀ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ଗୁରୁବାର ଜଟଣୀ ନଗର ଭାଜପା ପକ୍ଷରୁ ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନଗର ମଣ୍ଡଳ ସଭାପତି ତିରୁପତି ଶତପଥୀ, ମହେଶ ମିଶ୍ର, ପ୍ରଦୀପ ଜେନା, ନାଗଭୂଷଣ ରାୟ, ବାପୁ ମହାନ୍ତି, ପ୍ରଶାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

# ଶାନ୍ତି କମିଟିରେ ସମାଧାନ ନ ହେଲେ ଥାନାକୁ ଜଣାଅ

ଖୋର୍ଦ୍ଧା ଅଫିସ,୧।୬



ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି କାର୍ଯ୍ୟାଳୟରେ ମୁକୁନ୍ଦପ୍ରସାଦ ଗ୍ରାମରେ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରତିଷ୍ଠା ନିମନ୍ତେ ଶାନ୍ତି କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଅଧ୍ୟକ୍ଷତା କରିଥିଲେ। ସଦର ଏସ୍‌ଡିପିଓ ଦିଲୀପ ଦାସ, ଆଦର୍ଶ ଥାନାଧିକାରୀ ତାରିକ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ମୁକୁନ୍ଦପ୍ରସାଦ ଗ୍ରାମର ବୁଦ୍ଧିଜୀବୀ, ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ୨ଟି ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଛି। ଭବିଷ୍ୟତରେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ଶାନ୍ତି କମିଟି ଆପୋସ ବୁଝାମଣା କରିବ। ଏଥିରେ ବିଫଳ ହେଲେ ତୁରନ୍ତ ଥାନାଧିକାରୀଙ୍କୁ ଜଣାଇବ। ଅଭିଯୁକ୍ତ, ବିଶୃଙ୍ଖଳାକାରୀଙ୍କୁ ନିଜ ଅକ୍ତିଆରରେ ରଖି ଥାନାକୁ ହସ୍ତାନ୍ତର କରାଇବେ। ଶାନ୍ତି କମିଟି ଗ୍ରାମରେ ଶାନ୍ତି, ସଦ୍‌ଭାବନା ଓ ଭ୍ରାତୃଭାବ ରଖିବାକୁ ଯତ୍ନଶୀଳ ହେବେ। କେହି କାହାରିକୁ ଆକ୍ଷେପ କରି ବାଧା ଉପୁଜିଲା ଭଳି ଭାଷା ପ୍ରୟୋଗ କରିବେ ନାହିଁ। ଯଦି ଏଭଳି ଆଚରଣରେ କୌଣସି ବ୍ୟକ୍ତି କିମ୍ବା ସମ୍ପ୍ରଦାୟ ପ୍ରତି ଆଘାତ ସୃଷ୍ଟି ହୁଏ, ତେବେ ସେ ସଙ୍ଗେ ସଙ୍ଗେ ଶାନ୍ତି କମିଟିକୁ ଜଣାଇ ସମାଧାନ ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ।

# ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା

ଜଟଣୀ,୧।୬(ଡି.ଏନ୍.ଏ.)

ଜଟଣୀ ନିକଟ ହରିପୁରସ୍ଥିତ ସର୍ବଧର୍ମୀୟ ପୀରବାବା ହାଜରତ ଦୁଡ଼ଦିସା ଆଲା ରାମହେମ ତଉଲାହୀ ବକରାତୁହୁଙ୍କ ୩୯ତମ ବାର୍ଷିକ ଉତ୍ସବ (ଉର୍ସ ଉତ୍ସବ) ପାଳିତ ହୋଇଯାଇଛି। ପୀରବାବାଙ୍କ କାଦିମଦାର ସେକ ନିୟାଜଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପିପିଲି ବିଧାୟକ ରୁଦ୍ରପ୍ରସାଦ ମହାରଥୀ, ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ଡ.ସନ୍ତୋଷ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ କମିଟିର ସଭାପତି ସେକ୍ ଦିଲଦାର ମହମ୍ମଦଙ୍କ ସଭାପତିତ୍ୱରେ ଅତିଥିମାନେ ଜଗତ କଲ୍ୟାଣ ଓ ସର୍ବଧର୍ମ ରକ୍ଷା ପାଇଁ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ମହାରାଷ୍ଟ୍ରରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

■ପ୍ରେମିକା ଓ ତାଙ୍କ ବଡ଼ ଭଉଣୀଙ୍କ ସହ ଯାଇଥିଲେ

■ହତ୍ୟା ଅଭିଯୋଗ ଆଣିଲେ ପରିବାର

ବାଣପୁର,୧।୬(ଡି.ଏନ୍.ଏ.)

ପ୍ରେମିକା ଓ ତାଙ୍କ ବଡ଼ ଭଉଣୀଙ୍କ ସହ ମହାରାଷ୍ଟ୍ର ଯାଇଥିବା ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳର ଦେବରାଜ ଶବର। ଅନ୍ୟପକ୍ଷରେ ପ୍ରେମିକାଙ୍କ ବଡ଼ ଭଉଣୀ ଓ ସମ୍ପର୍କୀୟମାନେ ସେଠାରେ ଦେବରାଜଙ୍କୁ ମାରିଦେଇଛନ୍ତି ବୋଲି ବଡ଼ଭାଇ ମଙ୍ଗରାଜ ଶବର ବାଣପୁର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ଦେବରାଜ ଗ୍ରାମର ଜଣେ ଯୁବତୀଙ୍କୁ ଦୀର୍ଘବର୍ଷ ହେବ ଭଲପାଇ ଆସୁଥିଲେ। ବିବାହ ନିମନ୍ତେ ଉଭୟ ସେମାନଙ୍କ ପରିବାରକୁ ଜଣାଇଥିଲେ। ତେବେ ଯୁବତୀଙ୍କ ପରିବାରଲୋକ ରାଜି ହୋଇ ନ ଥିଲେ। ଏହା ଦ୍ୱାରା ଉଭୟଙ୍କ ପରିବାର ମଧ୍ୟରେ ବିବାଦ ଦେଖାଦେଇଥିଲା। କିଛିଦିନ ପରେ ଯୁବତୀଙ୍କ ବଡ଼ ଭଉଣୀ ମହାରାଷ୍ଟ୍ରରୁ ଆସିଥିଲେ। ଗତ ମେ’ ୧୭ରେ ଦେବରାଜ ଓ ସାନ ଭଉଣୀଙ୍କୁ ସାଙ୍ଗରେ ମହାରାଷ୍ଟ୍ର ନେଇଯାଇଥିଲେ। କିଛିଦିନ ପରେ ଗ୍ରାମକୁ ଫେରବା ପାଇଁ ଦେବାରାଜ ୨୮ତାରିଖରେ ପରିବାର ଲୋକଙ୍କୁ ଟଙ୍କା ପଠାଇବାକୁ କହିଥିଲେ। ପରବର୍ତ୍ତୀ ସମୟରେ ପରିବାର ଲୋକେ ୨ ହଜାର ଟଙ୍କା ଫୋନ ପେ ମାଧ୍ୟମରେ ଦେବରାଜଙ୍କୁ ପଠାଇଥିଲେ। ତେବେ ଦେବାରଜ ସେଠାରେ ରଶି ଲଗାଇ ଆତ୍ମହତ୍ୟା କରିଛି ବୋଲି ୨୯ ତାରିଖରେ ପରିବାର ଲୋକେ ଖବର ପାଇଥିଲେ। ତେବେ ପରିବାର ଲୋକେ ଟଙ୍କା ପଠାଇବା ପରେ ମଧ୍ୟ ଦେବରାଜ କାହିଁକି ଆତ୍ମହତ୍ୟା କଲା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ପରେ ଦେବରାଜଙ୍କ ମରଶରୀରକୁ ଗ୍ରାମକୁ ଅଣାଯାଇଛି।



**ଏଏପି ମହିଳା ଶାଖା ପକ୍ଷରୁ ପ୍ରଶାସନକୁ ଦାବିପତ୍ର**

ପୁରୀ ଅଫିସ: ସ୍ନାନପୂର୍ଣ୍ଣିମାଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଜ୍ୱରରେ ପୀଡ଼ିତ ହେବେ। ଶ୍ରୀମନ୍ଦିରରେ ଦର୍ଶନ ଦେବେ ନାହିଁ। ଏହି ସମୟରେ ମହାପ୍ରଭୁ ଅଲାରନାଥଙ୍କ ରୂପରେ ବ୍ରହ୍ମଗିରିସ୍ଥିତ ଅଲାରନାଥ ମନ୍ଦିରରେ ଦିବ୍ୟଦର୍ଶନ ଦେବେ। ସେଠାରେ ହଜାର ହଜାର ଭକ୍ତଙ୍କ ସମାଗମ ହେବ। ତେବେ ଗତବର୍ଷ ପ୍ରଶାସନ ଠିକ୍ ଭାବେ ବ୍ୟବସ୍ଥା କରି ନ ଥିବାରୁ ଭକ୍ତମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତେଣୁ ଚଳିତ ବର୍ଷ ଆବଶ୍ୟକ ବ୍ୟବସ୍ଥା କରିବାକୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପୁରୀ ମହିଳା ଶାଖା ପକ୍ଷରୁ ଦାବି କରାଯାଇଛି। ଏ ନେଇ ଗୁରୁବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଏକ ଦାବିପତ୍ର ଦିଆଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୬।୨୦୨୩

| | |
|---|---|
| ୮,୪୬,୭୨୨ ଟଙ୍କା | |
| ସୁନା | ୧୫୦ ମିଲି ଗ୍ରାମ୍ |
| ରୁପା | ୨୩୮.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଆଜି ଶ୍ରୀମନ୍ଦିରରେ ଦଇତା ପ୍ରବେଶ

ପୁରୀ ଅଫିସ, ୧।୬:ଆସନ୍ତା ୪ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ଏହିଦିନ ମହାପ୍ରଭୁ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ସହ ଭକ୍ତଙ୍କୁ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେବେ। ଏହାପରେ ଶ୍ରୀବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହେବ। ଏହି ଅଣସର ଗୁପ୍ତ ନୀତିକୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଦଇତାପତି ସେବକମାନେ ସମ୍ପାଦନ କରିବେ। ସ୍ନାନଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଅନେକ ନୀତି ସମ୍ପାଦନରେ ଦଇତାପତିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ପରମ୍ପରା ଅନୁଯାୟୀ, ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଅର୍ଥାତ୍ ଜୁନ ୨ତାରିଖ ଶୁକ୍ରବାର ଦଇତାପତି ସେବକମାନେ ଶ୍ରୀମନ୍ଦିର ପରିସରରେ ପ୍ରବେଶ କରିବେ। ରାତ୍ର ବଡ଼ସିଂହାର ସରି ଶ୍ରୀମୁଖ ଖଣ୍ଡୁଆ ପଡ଼ିବା ପରେ ସେମାନେ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟ କଷ୍ଟ କରିବେ। ଶ୍ରୀସୁଦର୍ଶନଙ୍କୁ ବଡବାଡ଼ କୋଣ ଖଟୁଲି ଉପରେ ବିଜେ କରାଇବେ। ଏହାପରେ କୋଠସୁଆସିଆଁମାନେ ରତ୍ନସିଂହାସନ ନିକଟକୁ ଯାଇ ମହାପ୍ରଭୁଙ୍କ ପହଣ୍ଡି ପାଇଁ ଚାରମାଳ ବାନ୍ଧିବେ। ଚତୁର୍ଦ୍ଦଶୀ ଅର୍ଥାତ୍ ୩ତାରିଖ ଶନିବାର ସକାଳେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ଦଇତାପତିମାନେ ସେନାପଟା ଲାଗିକରିବେ।

### ଦାବି ପୂରଣ ହୋଇନି: ସମୂହ ଛୁଟିରେ ଅମଲା

#### ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ବାଧାପ୍ରାପ୍ତ

ପୁରୀ ଅଫିସ, ୧।୬: ପୁରୀ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ଆହ୍ୱାନ କ୍ରମେ ଜିଲାରେ କାର୍ଯ୍ୟରତ ୫ଶହରୁ ଊର୍ଦ୍ଧ୍ୱ ଅମଲା ଆନ୍ଦୋଳନ ଜାରି ରଖିଛନ୍ତି। ମୂଳ ଦରମା ଲେବୁଲ- ୯ କାର୍ଯ୍ୟକାରୀ କରାଯିବା ଦାବି ନେଇ ପ୍ରଥମେ ସେମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ



କରିଥିଲେ। ତେବେ ଏପର୍ଯ୍ୟନ୍ତ ଦାବି ପୂରଣ ହୋଇ ନ ଥିବାରୁ ଗୁରୁବାରଠାରୁ ଅମଲାମାନେ ସମୂହ ଛୁଟି ନେଇଛନ୍ତି। ଏଥିଯୋଗୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସାଧାରଣ ଜନତା ସେବା ନ ପାଇ କାର୍ଯ୍ୟାଳୟଗୁଡ଼ିକରୁ ନିରାଶରେ ଫେରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଆନ୍ଦୋଳନକୁ ସଫଳ କରିବା ପାଇଁ ଗୁରୁବାର ପୁରୀ ଅମଲା କ୍ଲବରେ ଅଧକ୍ଷ ମହେନ୍ଦ୍ର ମହାପାତ୍ର ଓ ଆବାହକ ପ୍ରଣବ କୁମାର ଚିନ୍ନାରାଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏଭଳି ଆନ୍ଦୋଳନ ଚାଲିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ନଗର ପରିକ୍ରମା କଲେ ଦେବ ଦମ୍ପତି

**ପୁରୀ ଅଫିସ, ୧।୬:**

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ଚମ୍ପକ ଦ୍ୱାଦଶୀ ନୀତି ଅର୍ଥାତ ନବ ବିବାହିତ ଦେବ ଦମ୍ପତିଙ୍କ ନଗର ପରିକ୍ରମା ବା ଗୁଆଲି ଯାତ୍ରା ସମ୍ପନ୍ନ ହୋଇଛି। ସକାଳ ଧୂପ ଓ ଭୋଗମଣ୍ଡପ ଭୋଗ ନୀତି ବଢ଼ିବା ପରେ ଭିତରେ ଆଲଟଲାଗି ହୋଇଥିଲା। ତିନିବାଡ଼ରେ ମହାସ୍ନାନ ନୀତି ବଢ଼ି ନୂଆଲୁଗା ଲାଗିହୋଇଥିଲା। ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଚନ୍ଦନ ବିଜେ କରାଇ ଆଣି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ସର୍ବାଙ୍ଗ ଲାଗି ନୀତି କରିଥିଲେ। ପରେ ବେଶ ବଢ଼ି ମଧ୍ୟାହ୍ନ ଧୂପ ହୋଇଥିଲା। ଧୂପ ସରି ପାଣି ପଡ଼ିବା ପରେ ନବବିବାହିତା ବରକନ୍ୟା ଶ୍ରୀମଦନମୋହନ ଏବଂ ଲକ୍ଷ୍ମୀ ବା ରୁକ୍ମିଣୀ ଭିତରକୁ ବିଜେ ହୋଇଥିଲେ। ବନ୍ଦାପନା ପରେ ବରକନ୍ୟା ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଝୁଲଣମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ ହୋଇଥିଲେ। ବିମାନବଡୁ ସେବକମାନେ ପାଲିଙ୍କିକୁ ଶ୍ରୀମନ୍ଦିର ଭିତରବେଢ଼ାରେ ଗୋଟିଏ ଘେରା ପରିକ୍ରମା କରାଇ ସିଂହଦ୍ୱାର ଦେଇ ରାଜନଅରକୁ ବିଜେ କରାଇଥିଲେ। ଗଜପତି ମହାରାଜା ଶ୍ରୀନଅର ଦ୍ୱାର ନିକଟରୁ ନବବିବାହିତ ଦେବ ଦମ୍ପତିଙ୍କୁ ରାଜନଅର ଭିତରକୁ ପାଛୋଟି ନେଇଥିଲେ। ପରେ ରାଜନଅର ଅଗଣାରେ ପଡ଼ିଥିବା ସୁସଜ୍ଜିତ ଖଟରେ ବରକନ୍ୟାଙ୍କୁ ବିଜେ କରାଯାଇଥିଲା। ପଞ୍ଚଉପଚାର ବିଧିରେ ନାନା ପ୍ରକାର ପିଠା ମଣୋହି ହୋଇଥିଲା। ପ୍ରସାଦ ଲାଗି ଓ ବନ୍ଦାପନା ପରେ ଶ୍ରୀନଅର ଭିତରଶୋଧ



ନବବିବାହିତ ଦେବ ଦମ୍ପତିଙ୍କୁ ଗଜପତି ମହାରାଜା ରାଜନଅରକୁ ପାଛୋଟି ନେଉଛନ୍ତି।

**ଶ୍ରୀମନ୍ଦିରରେ ଚମ୍ପକ ଦ୍ୱାଦଶୀ ନୀତି**

ସହ ସିଂହଦ୍ୱାର ବନ୍ଦ କରାଯାଇଥିଲା। ରାଜ ପରିବାର ପକ୍ଷରୁ ବନ୍ଦାପନା ଓ ଭେଟି ପ୍ରଦାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ବରକନ୍ୟା ପାଲିଙ୍କିରେ ବିଜେ ହୋଇ ଯମେଶ୍ୱର ମନ୍ଦିରକୁ ବିଜେ କରିଥିଲେ। ସେଠାରେ ପଞ୍ଚୁଗ୍ରାସୀ ଭୋଗ ଓ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ବରକନ୍ୟା ଶ୍ରୀମନ୍ଦିରକୁ ବାହୁଡ଼ା ବିଜେକରି ଦକ୍ଷିଣୀଘରକୁ ଫେରିଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ସରିଥିଲା। ବରକନ୍ୟାଙ୍କ ବାହୁଡ଼ାବିଜେ ପରେ ଭିତରେ ମହାପ୍ରଭୁଙ୍କ ଆଲଟ ଲାଗି ଓ ଚନ୍ଦନଲାଗି ହୋଇଥିଲା। ବଡ଼ସିଂହାର ଭୋଗ ପରେ ଭିତରକୁ ବରକନ୍ୟା ବିଜେ ହୋଇଥିଲେ। ଏହାପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# ଚମ୍ପକ ଦ୍ୱାଦଶୀ ପାଇଁ ଆଦ୍ୟ ଶାସନ ଗାଁ ଉତ୍ସବମୁଖର



ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।

**ସାକ୍ଷୀଗୋପାଳ, ୧।୬(ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ବ୍ଳକ ଅନ୍ତର୍ଗତ ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁର ଗ୍ରାମରେ ଚମ୍ପକ ଦ୍ୱାଦଶୀ ପର୍ବ ଓ ବାଣଯାତ୍ରା ପାଇଁ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ବୁଧବାର ମୂଳଅଳସା ମୌଜା ସ୍ଥିତ ବାବା ଅନନ୍ତେଶ୍ୱର ଦେବଙ୍କ ମଧ୍ୟସ୍ଥତାରେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଇଷ୍ଟ ଦେବତା ଗୋପୀନାଥ ଦେବଙ୍କ ମନ୍ଦିର ପରିସରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ରୁକ୍ମିଣୀଙ୍କର ବିବାହ ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଥିଲା। ଏହା ପରେ ଚମ୍ପକ ଦ୍ୱାଦଶୀ ତିଥିରେ ତିନୋଟି ସୁସଜ୍ଜିତ ମଣି ବିମାନରେ ଶ୍ରୀକୃଷ୍ଣଙ୍କ ସହିତ ରୁକ୍ମିଣୀ, ମା ମଣିନାଗ ଦୁର୍ଗା ଓ କନକ ଦୁର୍ଗା ଏବଂ ବାବା ଅନନ୍ତେଶର ଦେବଙ୍କୁ ବିରାଜମାନ ହୋଇ ବାଜା,

**ଆଜି ଠାକୁରଙ୍କ ଗ୍ରାମ ପରିକ୍ରମା, ଘରବାହୁଡ଼ା**

ରୋଶଣିର ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଦ୍ୱାରି ଭୋଗ ପୂଜା ବନ୍ଦାପନା ସହ ଗ୍ରାମ ପରିକ୍ରମା କରାଯାଇଥିଲା। ତ୍ରୟୋଦଶୀ ଶୁକ୍ରବାର ଅପରାହ୍ନରେ ଠାକୁରମାନେ ଗ୍ରାମ ପରିକ୍ରମା କରି ମନ୍ଦିର ଅଭିମୁଖେ ଫେରିବାବେଳେ ଝୁଣ୍ଟିଲାଗି କରାଯାଇ ସମ୍ମୁଖରେ ପ୍ରସିଦ୍ଧ କାଠଚକ୍ର ବାଣ ଓ ବିଭିନ୍ନ ଆତସବାଜି ପ୍ରଦର୍ଶନ କରାଯିବ। ଏହି ଉତ୍ସବରେ ଗ୍ରାମବାସୀଙ୍କ ସହିତ ବନ୍ଧୁବାନ୍ଧବ ସାମିଲ ହୋଇଥିବା ଯୋଗୁ ଗ୍ରାମ ଉତ୍ସବମୁଖର ହୋଇଥିଲା। ଲକ୍ଷ୍ମୀଧର ମିଶ୍ର, ପ୍ରଦୀପ୍ତ ତ୍ରିପାଠୀ, ଭାସ୍କର ମିଶ୍ର, କ୍ଷେତ୍ରମୋହନ ମିଶ୍ର, ସଂଗ୍ରାମ ମିଶ୍ର, ସୁରେଶ ନନ୍ଦ ସହଯୋଗ କରିଥିଲେ।

# ଭକ୍ତନିବାସରେ ଶ୍ରଦ୍ଧାଳୁଙ୍କୁ ମିଳିବ ଆତିଥେୟତା

**ପୁରୀ ଅଫିସ, ୧।୬:**

ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ଭକ୍ତ ନିବାସକୁ ଆସୁଥିବା ଅତିଥି ତଥା ଶ୍ରଦ୍ଧାଳୁଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ତଥା ଆତିଥେୟତା ପ୍ରଦାନ ପାଇଁ ପ୍ରୟାସ ଆରମ୍ଭ ହୋଇଛି। 'ଅତିଥି ଦେବ ଭବଃ' ବାକ୍ୟକୁ ଯଥାର୍ଥ କରିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୁରୀରେ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କ ରହଣି ପାଇଁ ୪ଟି ଭକ୍ତନିବାସ ରହିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ଏଗୁଡ଼ିକରେ ସୁଲଭ ମୂଲ୍ୟରେ ରହିଥାନ୍ତି। ଆଗକୁ ପବିତ୍ର ସ୍ନାନଯାତ୍ରା ଓ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ସ୍ନାନଯାତ୍ରା ଓ ଘୋଷଯାତ୍ରାରେ ସାମିଲ ହେବା ପାଇଁ ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତନିବାସରେ ରହିବାକୁ ଆସୁଥିବା ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କୁ ଆତିଥେୟତା ଦେବା ପାଇଁ ସେମାନଙ୍କୁ ଫୁଲ ଚନ୍ଦନ ସହ ସ୍ୱାଗତ କରାଯିବ। ବିଦାୟ ସମୟରେ



ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ପ୍ୟାକେଟ ପ୍ରଦାନ କରୁଛନ୍ତି।

**କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

- ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କୁ ଫୁଲଚନ୍ଦନରେ ସ୍ୱାଗତ କଲେ
- ରଥକାଠ, ଦଉଡ଼ି, କନା ସମ୍ବଳିତ ପ୍ୟାକେଟ ଦେଲେ

ରଥକାଠ, ରଥଦଉଡ଼ି, ରଥକନା ସମ୍ବଳିତ ପ୍ୟାକେଟ ଦିଆଯିବ। ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ମୁଖ୍ୟ ପ୍ରଶାସକ ଦାସ ସମସ୍ତ ଭକ୍ତନିବାସକୁ ଯାଇ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କୁ ଫୁଲଚନ୍ଦନରେ ସ୍ୱାଗତ କରିବା ସହ ଉକ୍ତ ପ୍ୟାକେଟ ପ୍ରଦାନ କରିଛନ୍ତି। ସେହିପରି ସେମାନଙ୍କ ସହିତ ଆଲୋଚନା କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନର ଏହି କାର୍ଯ୍ୟକୁ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକମାନେ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ପ୍ରମୁଖ ସଚିବ

**ପୁରୀ ଅଫିସ, ୧।୬:**

ବାଣିଜ୍ୟ ଓ ପରିବହନ, ଦକ୍ଷତା ବିକାଶ ବିଭାଗର ପ୍ରମୁଖ ସଚିବ ତଥା ପୁରୀ ଜିଲା ଉନ୍ନୟନ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀ ଉଷା ପାଢ଼ୀ ଗୁରୁବାର ପୁରୀ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସର୍କିଟ ହାଉସରେ ପ୍ରମୁଖ ସଚିବ ପାଢ଼ୀ ପହଞ୍ଚିବା ପରେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଜିଲା ନିଯୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ସହିତ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର କାର୍ଯ୍ୟ ସମ୍ପର୍କରେ ପ୍ରମୁଖ ସଚିବ ସମୀକ୍ଷା କରିଥିଲେ। ସେହିପରି ଜିଲାର ଅନ୍ୟ ବିଭାଗ, ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ। ପରେ ପ୍ରସ୍ତାବିତ ବିମାନବନ୍ଦର ଅଞ୍ଚଳ, ପଲିଟେକ୍‌ନିକ୍ ଏବଂ ଆଇଟିଆଇ କେନ୍ଦ୍ରକୁ ପ୍ରମୁଖ ସଚିବ ପାଢ଼ୀ ବୁଲି ଦେଖିଥିଲେ।

# ତିନିରଥରେ ୪୪ ଯୋଖା ସଂଯୋଗ

**ପୁରୀ ଅଫିସ, ୧।୬:**

**ରଥଖଳାରୁ ...**

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଶ୍ରୀନଅରସ୍ଥିତ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ତିନିରଥର ମୋଟ ୪୪ଟି ଯୋଖା ସଂଯୋଗ (ଫିଟିଂ) କରାଯାଇଛି। ତାଳଧ୍ୱଜ ରଥରେ ୧୬, ଦର୍ପଦଳନ ରଥରେ ୧୨ ଏବଂ ନନ୍ଦିଘୋଷ ରଥରେ ୧୬ଟି ଯୋଖା ସଂଯୋଗ ହୋଇଛି। ଏହି ଯୋଖାଗୁଡ଼ିକ ରଥର ଚତୁଃପାର୍ଶ୍ୱ କୋଣଗୁଡ଼ିକରେ ସଂଯୋଗ କରାଯାଇଛି। ରଥର ଅଖ, କୁଣ୍ଡୁକା, ନିରାଡ଼ି ଏବଂ ଗୟଳକୁ ବାନ୍ଧି ରଖିବା ପାଇଁ ଯୋଖାଗୁଡ଼ିକରେ ମାପ ପ୍ରକାରେ କାପ କରାଯାଇ କଣ୍ଟା ବିନ୍ଧ ସହ କଣ୍ଟା ପଡ଼ି ସେଟିଂ କରାଯାଇଛି। ଏଥିସହ ତିନିରଥର ପାଞ୍ଚୋଟି ଲେଖାଏ 'ଜଗତପୃଷ୍ଠ ଶେଣି' ଚଉପଟ କାର୍ଯ୍ୟ ସରିଛି। ତିନିରଥର ଦୁଇଟି ଲେଖାଏ ଧ୍ୱଜିଦଣ୍ଡା ନିର୍ମାଣ ଶେଷ ହେବା ସହ ନନ୍ଦିଘୋଷ ଓ ତାଳଧ୍ୱଜ ରଥର ଦୁଇଟି ଲେଖାଏ ଏବଂ ଦର୍ପଦଳନ ରଥର ତିନୋଟି ଡମକ ନିର୍ମାଣ ସରିଛି। ସେହିପରି ତିନିରଥ ଚନ୍ଦ୍ରଶାଳୀର ଅଁଳା ନିର୍ମାଣ ପାଇଁ ରଥ ଅମିନ ରଥଚାଳିକୁ ୧୨ଫୁଟିଆ କଞ୍ଚା ମହିକାଠ ଯୋଗାଇବା ପରେ ସେଗୁଡିକର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ନାଟଗୋଡ଼ରେ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ କମାରଶାଳରେ ଓଝା ସେବକମାନେ ରଥ ଭୂଇଁ ପାଇଁ ବିଡ଼ିଆ କଣ୍ଟା ଓ ପୋଟଳ ଓରା କଣ୍ଟା ନିର୍ମାଣ କରୁଛନ୍ତି।

# ନକଲି ରସିଦରେ ୨୩ଲକ୍ଷ ଲୁଟିଛନ୍ତି ପୂର୍ବତନ କିରାଣି

**କୋଣାର୍କ,୧।୬(ଡି.ଏନ୍.ଏ.)**

କୋଣାର୍କ ଭଗବତୀ ମହାବିଦ୍ୟାଳୟରେ ପୂର୍ବତନ ମହିଳା କିରାଣିଙ୍କ ଅର୍ଥ ହଡ଼ପ ସମ୍ପର୍କିତ ପ୍ରସଙ୍ଗରେ କଲେଜ ଆକାଉଣ୍ଟସ କମିଟି ଦ୍ୱାରା ଯାଞ୍ଚ ହେଉଥିବା ପ୍ରଥମ ପର୍ଯ୍ୟାୟ ରିପୋର୍ଟ ଲୋକଲୋଚନକୁ ଆସିଛି। ପୂର୍ବତନ କିରାଣି ଜଣକ ୨୦୧୭ରୁ ୨୦୨୨ ଡିସେମ୍ବର ମଧ୍ୟରେ ନକଲି ରସିଦ ବ୍ୟବହାର କରି ପ୍ରାୟ ୨୨ଲକ୍ଷ ୮୭ହଜାର ୩୭୫ଟଙ୍କା ହଡ଼ପ କରିଥିବା ନେଇ ଆକାଉଣ୍ଟସ ଯାଞ୍ଚ କମିଟିଙ୍କ ଯାଞ୍ଚ ବେଳେ ଜଣାପଡ଼ିବା ପରେ କଲେଜ ଅଧକ୍ଷଙ୍କୁ ଗତ ୨୮ତାରିଖରେ ରିପୋର୍ଟ ପ୍ରଦାନ କରିଛନ୍ତି।

**ଭଗବତୀ ମହାବିଦ୍ୟାଳୟରେ ଅର୍ଥ ହଡ଼ପ ଘଟଣା**

ଏ ନେଇ କଲେଜ ଅଧକ୍ଷ ଅବତାର ମିଶ୍ର ଘଟଣା ସମ୍ପର୍କରେ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ଗତ ୨୯ ତାରିଖରେ ପତ୍ର ଲେଖି ପୂର୍ବତନ ମହିଳା କିରାଣିଙ୍କ ଏହି କାରନାମା ସମ୍ପର୍କରେ ଅବଗତ କରିବା ସହିତ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରିଛନ୍ତି। ତେବେ ଏତେ ସବୁ ଆର୍ଥିକ ଅନିୟମିତତା ସାମ୍ନାକୁ ଆସିବା ପରେ ବି କଲେଜ ଅଧକ୍ଷ ମିଶ୍ର ଉକ୍ତ ପୂର୍ବତନ କିରାଣିଙ୍କ ବିରୋଧରେ ଥାନାରେ ଏଫଆଇଆର୍ ନ ଦେବା କୋଣାର୍କବାସୀଙ୍କ ମନରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। କଲେଜ ଅଧକ୍ଷ ମିଶ୍ର କାହା ଚାପରେ ଥାନାରେ ଅଭିଯୋଗପତ୍ର ଦାଖଲ କରୁନାହାନ୍ତି, ସେନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଆସନ୍ତା ଦୁଇଦିନ ମଧ୍ୟରେ ଉକ୍ତ ପୂର୍ବତନ ମହିଳା କିରାଣିଙ୍କ ବିରୋଧରେ କୋଣାର୍କ ଥାନାରେ ଏଫଆଇଆର୍ ଦିଆ ନ ଗଲେ କଲେଜରେ ତାଲା ପକାଇ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ପୁରାତନ ଛାତ୍ର ସଂଘ ସଭାପତି ହୃଦାନନ୍ଦ ସେଠୀ, ଭାଗୀରଥି ସ୍ୱାଇଁ, ପୁରାତନ ଛାତ୍ର ତଥା ମାନବାଧିକାର କର୍ମୀ ଏନ.ଏ.ଶାହା ଅନ୍‌ସାରୀ ପ୍ରମୁଖ ଗଣମାଧ୍ୟମକୁ କହିଛନ୍ତି।

# ଶୋ'ରୁମ୍‌ରୁ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଡ୍ରେସ୍ ଚୋରି

**ନିମାପଡ଼ା,୧।୬(ଡି.ଏନ୍.ଏ.)**

ନିମାପଡ଼ା ବଡ଼ ବଜାରରେ ଥିବା ସର୍ଦ୍ଧାର ଫ୍ୟାନ୍ସ କ୍ଲଥ ହାଉସ୍ ନାମକ ଏକ ଡ୍ରେସ୍ ଓ ଲୁଗା ଶୋ'ରୁମ୍‌ରୁ ୩୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଡ୍ରେସ ଚୋରି ହୋଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଖବରପାଇ ଥାନା ଆଇଆଇସି ଶଙ୍କର୍ଷଣ ଦଳାଇ, ଏସ୍‌ଆଇ ତଅପୋଇ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚିଛି। ଏନେଇ ୧୮୨/୨୩ରେ ଏକ ମାମଲା ରୁଜୁ କରି ଶୋ'ରୁମ୍ ସିସିଟିଭି ଦେଖି ତଦନ୍ତ ଚଳାଇଛି।

# ୪ରେ ବଡ଼ଦାଣ୍ଡ ଉଠାଦୋକାନ ବନ୍ଦ ରହିବ

**ପରୀ ଅଫିସ, ୧।୬:**

ଆସନ୍ତା ୪ତାରିଖରେ ସ୍ନାନଯାତ୍ରା। ଏଥିପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ କରାଯାଉଛି। ମହାପ୍ରଭୁଙ୍କ ନୀତିକାନ୍ତି ଓ ପହଣ୍ଡି ଶୃଙ୍ଖଳିତ ହେବା ନେଇ ସେବାୟତମାନେ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ଦୂରଦର୍ଶନର ଅଧିକାରୀମାନେ ଆସି ସିଧାପ୍ରସାରଣ ପାଇଁ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଭକ୍ତଙ୍କ ସୁବିଧା ପାଇଁ ଶେଡ୍ ନିର୍ମାଣ କରାଯିବ। ଭକ୍ତଙ୍କ ଯାତାୟାତ ସୁବିଧା ପାଇଁ ବଡ଼ଦାଣ୍ଡରେ ଥିବା ଉଠାଦୋକାନଗୁଡ଼ିକୁ ୩ ତାରିଖରେ ସାଇଡ କରାଯିବ ଓ ୪ ତାରିଖରେ ବନ୍ଦ ରଖାଯିବ। ଏନେଇ ପୌରସଂସ୍ଥା ପକ୍ଷରୁ ଉଠାଦୋକାନୀଙ୍କୁ ମାଇକ ଯୋଗେ ସୂଚନା ଦିଆଯାଉଛି।

# ଡକାୟତି ଯୋଜନା ପଣ୍ଡ: ୬ ଗିରଫ

**ପୁରୀ ଅଫିସ, ୧।୬:**

- ଖଣ୍ଡା, ଛୁରି, ଲାଠି, ଲୁହାରଡ୍ ଜବତ
- ରମେଶଙ୍କ ନାମରେ ରହିଛି ୧୮ ମାମଲା

ଡକାୟତି ପାଇଁ ଯୋଜନା କରୁଥିବାବେଳେ ବାସେଳିସାହି ଥାନା ପୋଲିସ ୬ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ସଞ୍ଜୟ ନାୟକ, ଗୋଖାସାହିର ସୁନିଆ ବେହେରା ଓରଫ ସୋନୁ, ହରିଜନ ବସ୍ତିର କାବୁ ନାୟକ, ମିଶ୍ରସାହିର ଲକ୍ଷ୍ମୀନିବାସ ମହାନ୍ତି, ଜଗନ୍ନାଥ ବସ୍ତିର ରମେଶ ବେହେରା ଏବଂ ହାତୀଶାଳର ସାଗର ଭୋଇ। ପୋଲିସ ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି ଲୁହାରଡ୍, ଦୁଇଟି ଛୁରି, ଗୋଟିଏ ଲାଠି, ଲଙ୍କାଗୁଣ୍ଡ, ଗୋଟିଏ ଟର୍ଚ୍ଚଲାଇଟ, ୬ଟି ଖାଲି ବିୟର ବୋତଲ, ପ୍ଲାଷ୍ଟିକ ଗ୍ଲାସ୍ ଆଦି ଜବତ କରିଛି। ଏନେଇ ଏକ କେସ୍ (ନଂ. ୧୨୮/୨୩) ରୁଜୁ ହୋଇଛି।

ଗିରଫ ଅଭିଯୁକ୍ତମାନେ ବୁଧବାର ରାତିରେ ବଡ଼ପୋଖରୀ ଜାଗା ନିକଟରେ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିଲେ। ପୋଲିସ ଏ ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ରମେଶଙ୍କ ନାମରେ ପୁରୀର ବିଭିନ୍ନ ଥାନାରେ ୧୮ ଟି ମାମଲା ରହିଛି। ସେହିପରି ଲକ୍ଷ୍ମୀନିବାସ, ସାଗର ଏବଂ ସୁନିଆଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଶୃଙ୍ଖଳିତ ଦର୍ଶନ, ନୀତିକାନ୍ତି ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୧।୬:**

ଆସନ୍ତା ୪ତାରିଖରେ ସ୍ନାନଯାତ୍ରା ଓ ମହାପ୍ରଭୁଙ୍କ ହାତୀବେଶ ଅନୁଷ୍ଠିତ ହେବ। ସେହିପରି ଜୁନ ୨୦ରେ ରଥଯାତ୍ରା, ୨୮ରେ ବାହୁଡ଼ା ଯାତ୍ରା ଏବଂ ଜୁଲାଇ ୧ରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ। ସ୍ନାନଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତିକୁ ଶୃଙ୍ଖଳିତ ଭାବେ ନିର୍ବିଘ୍ନରେ ସମ୍ପନ୍ନ କରିବା ପାଇଁ ଗୁରୁବାର ବିଭିନ୍ନ ନିଯୋଗର ସଭାପତି, ସମ୍ପାଦକ, ପରିଚାଳନା କମିଟି ସଦସ୍ୟ ଏବଂ ଦଇତାପତି ନିଯୋଗ ସହିତ ଶ୍ରୀମନ୍ଦିର ପ୍ରଶାସନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଜିଲାପାଳ ସମର୍ଥ ବର୍ମା ଉପସ୍ଥିତ ଥିଲେ। ମୁଖ୍ୟତଃ ପହଣ୍ଡି ଓ ଭକ୍ତଙ୍କ ଦର୍ଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

**ବିଭିନ୍ନ ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ଆଲୋଚନା**

ବୈଠକ ପରେ ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ପୂର୍ବରୁ ଘୋଷଯାତ୍ରାକୁ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲାପାଳଙ୍କ ସହ ଦଇତାପତି ନିଯୋଗର ବୈଠକ ହୋଇଥିଲା। ଗୁରୁବାର ଅନୁଷ୍ଠିତ ବୈଠକରେ ବିଭିନ୍ନ ନିଯୋଗର କର୍ମକର୍ତ୍ତା, ପରିଚାଳନା କମିଟି ସଦସ୍ୟ ଯୋଗଦେଇଥିଲେ। ସ୍ନାନଯାତ୍ରା, ରଥଯାତ୍ରା ସହ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବା ନେଇ ଆଲୋଚନା ହୋଇଛି। ବିଭିନ୍ନ ନିଯୋଗର ସଭାପତି ଓ ସମ୍ପାଦକଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଯେପରି ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରିବା ସହ ମହାପ୍ରସାଦ ପାଇପାରିବେ ସେ ନେଇ ବ୍ୟବସ୍ଥା କରାଯିବ। ଦଇତାପତି ନିଯୋଗର ଦାବିକୁ ପ୍ରଶାସନ ଗ୍ରହଣ କରିଛି। ପହଣ୍ଡ ବେଳେ ବିଶୃଙ୍ଖଳା ଯେପରି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଶ୍ରୀମନ୍ଦିର ସିଂହଦ୍ୱାର ପାଖରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସକାଶେ ଅସ୍ଥାୟୀ ମଞ୍ଚ ନିର୍ମାଣ କରାଯିବ। ତେବେ ଉକ୍ତ ବୈଠକ ପୂର୍ବରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଦଇତାପତି ସେବକଙ୍କ ବୈଠକ ହୋଇଥିଲା। ଶୃଙ୍ଖଳିତ ଦର୍ଶନ, ନୀତିକାନ୍ତି, ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ନାନଯାତ୍ରା ଦିନ ଯେପରି ଟ୍ରାଫିକରେ ସ୍ଥାନୀୟ ଲୋକେ, ସେବାୟତ, ଗଣମାଧ୍ୟମ ପ୍ରତିନିଧି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ଚିହ୍ନା ତଥା ସ୍ଥାନୀୟ ପୋଲିସକୁ ନିୟୋଜିତ କରିବା, ପୋଲିସ ପକ୍ଷରୁ ଏକ ଟ୍ରୋଲ ଫ୍ରି ନମ୍ବର ଦେବା, କୌଣସି ସମସ୍ୟା ହେଲେ ପୋଲିସ ସହ ଯୋଗାଯୋଗ କରିବା ନେଇ ଆଲୋଚନା ହୋଇଥିବା ଦାସ ମହାପାତ୍ର ସୂଚନା ଦେଇଛନ୍ତି।

# ଶେଷ ପର୍ଯ୍ୟାୟରେ ମହାପ୍ରଭୁଙ୍କ ହାତୀବେଶ ପ୍ରସ୍ତୁତି

**ପୁରୀ ଅଫିସ, ୧।୬:**

ମହାପ୍ରଭୁଙ୍କର ବିଭିନ୍ନ ଯାନିଯାତ୍ରା ବର୍ଷସାରା ଅନୁଷ୍ଠିତ ହୋଇଥାଏ। ଏଥିସହ ମହାପ୍ରଭୁ ଅନେକ ବେଶ ହୋଇଥାନ୍ତି। ଏଥିମଧ୍ୟରେ ହାତୀ ବେଶ ବା ଗଜାନନ ବେଶ ଅନ୍ୟତମ। ପ୍ରତ୍ୟେକ ବର୍ଷ ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନଯାତ୍ରା ଅବସରରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ମହାପ୍ରଭୁ ଏହି ଦୁର୍ଲ୍ଲଭ ବେଶରେ ସଜ୍ଜିତ ହୋଇଥାନ୍ତି। ବାଲିସାହିସ୍ଥିତ ଗୋପାଳ ତୀର୍ଥ ମଠ ଏବଂ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ସମ୍ମୁଖରେ ଥିବା ଶ୍ରୀରାଘବ ଦାଶ ମଠ ଏହି ବେଶ ଯୋଗାଇ ଦେଇଥାନ୍ତି। ଚଳିତ ମାସ ୪ ତାରିଖରେ ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ହାତୀବେଶ ଦର୍ଶନ କରିପାରିବେ। ପ୍ରଭୁ ବଳଭଦ୍ର ଧଳା ଓ ମହାପ୍ରଭୁ ଶ୍ରୀଜଗନ୍ନାଥ କଳା ରଙ୍ଗର ହାତୀବେଶରେ ଦର୍ଶନ ଦେବେ। ପରମ୍ପରା



ହାତୀବେଶ ପ୍ରସ୍ତୁତ କରାଯାଉଛି ।

ଅନୁଯାୟୀ, ଅକ୍ଷୟ ତୃତୀୟାଠାରୁ ହାତୀବେଶ କାର୍ଯ୍ୟ ଅନୁକୂଳ ହୋଇଥିଲା। ଏବେ ଏହି ବେଶ ପ୍ରସ୍ତୁତି ଜୋରସୋରରେ ଚାଲିଛି। ବେଶ ନିର୍ମାଣ ପାଇଁ ମୁଖ୍ୟତଃ ସୋଲ, କପଡ଼ା, କଦଳୀ ପାଟୁକା, ବିଭିନ୍ନ ପ୍ରକାରର ଜରି, ଜମୁରା, ବିଭିନ୍ନ ପ୍ରକାର ଲେସ୍, ବାଉଁଶ କାଠି ଏବଂ କଇଥ ଅଠା ଆବଶ୍ୟକ ହୋଇଥାଏ। ବେଶ ନିର୍ମାଣକାରୀ ସେବକ ବସନ୍ତ କୁମାର ରଣା କହିଛନ୍ତି, ସ୍ନାନପୂର୍ଣ୍ଣିମା ପାଖେଇ ଆସୁଥିବାରୁ ବେଶ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଦରଜି ସେବକ ଓ ଚିତ୍ରକାର ସେବକ କାମରେ ଲାଗିଛନ୍ତି। ସମସ୍ତେ ହବିଷାନ୍ନ ଖାଇ ଶୁଦ୍ଧପୂତ ଭାବେ ବେଶ ନିର୍ମାଣ କରୁଛନ୍ତି। ନିର୍ଦ୍ଧାରିତ ସମୟ ସୁଦ୍ଧା କାର୍ଯ୍ୟ ସମ୍ପନ୍ନ ହେବ। ସୂଚନାଯୋଗ୍ୟ, ସ୍ନାନପୂର୍ଣ୍ଣିମା ଦିନ ଜଳବିଜେ ପରେ ଶ୍ରୀମନ୍ଦିରରୁ ଘଣ୍ଟ, ଛତା, କାହାଳୀ ପ୍ରଥମେ ଗୋପାଳ ତୀର୍ଥ ମଠ ପରିସରକୁ ଯାଇଥାଏ। ସେଠାରୁ ପ୍ରଭୁ ବଳଭଦ୍ର ଏବଂ ଶ୍ରୀସୁଦର୍ଶନଙ୍କ ନିମନ୍ତେ ବେଶ ଆସିଥାଏ। ପରେ ରାଘବଦାସ ମଠରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା' ସୁଭଦ୍ରାଙ୍କ ନିମନ୍ତେ ବେଶ ସାମଗ୍ରୀ ଆସିଥାଏ। ଜଳଲାଗି ବା ସ୍ନାନ ନୀତି ପରେ ଠାକୁର ହାତୀବେଶରେ ସଜ୍ଜିତ ହୋଇ ଦର୍ଶନ ଦେଇଥାନ୍ତି।

## ୫୫୦ ଲିଟର ଦେଶୀ ମଦ, କାର୍ ଜବତ: ଜଣେ ଗିରଫ

ଆଠଗଡ,(ସ୍ୱ.ପ୍ର.): ଆଠଗଡ଼ ଅବକାରୀ ବିଭାଗ ତରଫରୁ ଖୁଣ୍ଟୁଣୀ ୫୫ ନଂ. ରାଜପଥ ଉପରେ ପାଟ୍ରୋଲିଂ ସମୟରେ ୫୫୦ ଲିଟର ଦେଶୀମଦ ସହ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବେଣ୍ଟପଦା ଗ୍ରାମର ସାଗର ନାଏକ। ଏଥିସହ ମଦ ଚାଲାଣ ହେଉଥିବା ଧଳା ରଙ୍ଗର ଏକ କାର୍‌କୁ ଜବତ କରାଯାଇଛି। ଅନ୍ୟତମ ଅଭିଯୁକ୍ତ ତଥା ଟିଗିରିଆ ଥାନା ବିନ୍ଧାଣିମା ଗ୍ରାମର ମୋତିଲାଲ ବାରିକ ଫେରାର ହୋଇଯାଇଛନ୍ତି। ଏସବୁ ମଦ ଏହି ଥାନା କୋରଙ୍ଗା ଅଞ୍ଚଳରୁ ଚାଲାଣ ହେଉଥଲା। କଟକ ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ନିର୍ଦ୍ଦେଶରେ ଆଠଗଡ଼ ଉପାଧକ୍ଷ ପ୍ରମୋଦ ପଣ୍ଡା ଚଢ଼ାଉ କରିଥିଲେ।

## ସଂକ୍ଷେପରେ

### ମାସକରେ ୩୨ ନିଶାବେପାରୀ ଗିରଫ

ଭୁବନେଶ୍ୱର,୧।୬(ବ୍ୟୁରୋ): ନିଶାଦ୍ରବ୍ୟ କାରବାର ଉପରେ ରୋକ୍ ଲଗାଇବା ଲାଗି କମିଶନରେଟ ପୋଲିସ ପକ୍ଷରୁ ହ୍ୱାଇଟ ସ୍ୱାଇଡର ଅଭିଯାନ ଜାରି ରହିଛି। ଏହି ଅଭିଯାନରେ ଗତ ମେ ମାସରେ ୩୨ଜଣ ନିଶାବେପାରୀଙ୍କୁ ଗିରଫ କରାଯାଇଛି। ବିଭିନ୍ନ ଥାନାରେ ମୋଟ ୭ଟି ବ୍ରାଉନସୁଗାର ବିକ୍ରିଜନିତ ମାମଲା ରୁଜୁ କରାଯାଇ ୧୨ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ୭୮ ଗ୍ରାମ ୨୨ ମିଲିଗ୍ରାମ ବ୍ରାଉନସୁଗାର, ୧୮ ହଜାର ୫୨୦ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ସେହିପରି ଥାନାରେ ମୋଟ ୯ଟି ବେଆଇନ ଗଞ୍ଜେଇ ବିକ୍ରିଜନିତ ମାମଲା ରୁଜୁ କରାଯାଇ ୨୧ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ସେମାନଙ୍କ ନିକଟରୁ ୫ କୁଇଣ୍ଟାଲ ୪୪ କିଗ୍ରା ୭୯୫ ଗ୍ରାମ ଗଞ୍ଜେଇ, ୧୬ ହଜାର ୨୦୦ଟଙ୍କା, ୧୧ଟି ମୋବାଇଲ ଫୋନ୍ ଓ ୭ଟି ଦୁଇ/ଚାରି ଚକିଆ ଯାନ ଜବତ କରାଯାଇଥିବା ସୂଚନା ଦିଆଯାଇଛି।

### ବାପଘରୁ ମହିଳାଙ୍କ ମୃତଦେହ ଜବତ

ଭୁବନେଶ୍ୱର,୧।୬(ବ୍ୟୁରୋ): ମୈତ୍ରୀ ବିହାର ଥାନା ଅନ୍ତର୍ଗତ ସାଲିଆ ସାହି ବିକାଶ ପରିଷଦ ବସ୍ତି ଅଞ୍ଚଳରେ ଥିବା ବାପ ଘରରୁ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଗଞ୍ଜାମର ବର୍ଷା ରେଡ୍ଡୀ (୨୩)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ ଘଟଣାର ତଦନ୍ତ ଚଳାଇଛି। ସୂଚନାନୁସାରେ ବର୍ଷା ଗଞ୍ଜାମ ଜିଲାର ମୁନା ରେଡ୍ଡୀଙ୍କୁ ୫ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ଏକ ୩ ବର୍ଷର ପୁଅ ରହିଛି । ହେଲେ ସଂକ୍ରାନ୍ତିରେ ବାପ ଘରକୁ ବୁଲିବାକୁ ଆସିଥିଲେ। ହେଲେ କୌଣସି କାରଣକୁ ନେଇ ବର୍ଷା ଦୀର୍ଘ ସମୟ ପର୍ଯ୍ୟନ୍ତ ଏକ ଘରେ ରହିଥିଲେ। ପରିବାର ଲୋକ ଡାକିବା ସତ୍ତ୍ୱେ କୌଣସି ଉତ୍ତର ନ ଦେବାରୁ ସନ୍ଦେହରେ କବାଟ ଭାଙ୍ଗିବା ବେଳେ ବେକରେ ଶାଢ଼ି ଲଗାଇ ଝୁଲୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ସାରସ୍ୱତ ସମାଜର କବିତା ଆସର, ଆଲୋଚନାଚକ୍ର

ଭୁବନେଶ୍ୱର,୧।୬(ବ୍ୟୁରୋ): ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ସାରସ୍ୱତ ସମାଜ ପକ୍ଷରୁ ମାସିକ କବିତା ଆସର ଓ ଆଲୋଚନାଚକ୍ର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଡ. ପ୍ରତିମାରାଣୀ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ଅନୁଷ୍ଠାନର ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ସହ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥିଭାବେ ପଣ୍ଡିତ ଦୈତାରି ମହାପାତ୍ର ଯୋଗଦେଇ କବିତା ଓ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପର୍ଯ୍ୟଟନ ଅଧିକାରୀ ତଥା କବି ଦେବଦତ୍ତ ରଥ ଯୋଗଦେଇ ଏବେର ସାହିତ୍ୟ କେତେ ବାସ୍ତବମୁଖୀ ସେସମ୍ପର୍କରେ ମତ ରଖିଥିଲେ। କବି ଶୁଭା ନନ୍ଦ ଓ କବି ଚମକ ଚାନ୍ଦନୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୬୦ରୁ ଊର୍ଦ୍ଧ୍ୱ କବି ଓ ସାହିତ୍ୟିକ ଯୋଗଦେଇଥିବାବେଳେ କବି ଜୟଶ୍ରୀ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ବେହେରା, ରଶ୍ମି ସାମଲ, ଇତିଶ୍ରୀ ପତି, କୃଷ୍ଣ ଚନ୍ଦ୍ର ବଡ଼ପଣ୍ଡା ଓ ସଞ୍ଜୁଲତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କବି ପୁଷ୍ପଲତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ବାଓ୍ୱରିଆ ଗ୍ୟାଙ୍ଗ୍‌ର ଗୁମର ଖୋଲୁଛି

■ ଗିରଫ ୪ ଅଭିଯୁକ୍ତଙ୍କ ନାଁରେ ବିଭିନ୍ନ ରାଜ୍ୟରେ ଶତାଧିକ ମାମଲା

■ ଦିଲ୍ଲୀ କ୍ରାଇମ୍‌ବ୍ରାଞ୍ଚ ଓ ଅନ୍ୟ ରାଜ୍ୟ ସହ ଯୋଗାଯୋଗରେ କମିଶନରେଟ ପୋଲିସ

ଭୁବନେଶ୍ୱର,୧।୬(ବ୍ୟୁରୋ)

ସାରା ଦେଶରେ ବାଓ୍ୱରିଆ ଗ୍ୟାଙ୍ଗ୍‌ର ନେଟ୍‌ୱର୍କ ରହିଛି। ଓଡିଶା ସମେତ ବିଭିନ୍ନ ରାଜ୍ୟରେ ଆତଙ୍କ ଖେଳାଇ ଲୁଟ୍‌ପଟ୍ କରୁଥିବା ଏହି ଗ୍ୟାଙ୍ଗ୍‌ର ୪ଜଣଙ୍କୁ ଗିରଫ ପରେ କମିଶନରେଟ ପୋଲିସ୍ ଦିନକୁ ଦିନ ନୂଆ ତଥ୍ୟ ପାଉଛି। ଗ୍ୟାଙ୍ଗର ସହଯୋଗୀମାନେ ବିଭିନ୍ନ ରାଜ୍ୟରେ ଆଡ୍ଡା ଜମାଇ ଅପରାଧ ଜାରି ରଖିନ୍ତି। ଗ୍ୟାଙ୍ଗର ସମସ୍ତ ସଦସ୍ୟଙ୍କୁ ଧରିବାକୁ କମିଶନରେଟ ପୋଲିସ ପ୍ରୟାସ ଚଳାଇଛି। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସେମାନଙ୍କୁ ଚିହ୍ନଟ କରିବା ସହ ଗତିବିଧିକୁ ନଜର ରଖିଛି। ଏନେଇ ଦିଲ୍ଲୀ କ୍ରାଇମବ୍ରାଞ୍ଚ ଓ ବିଭିନ୍ନ ରାଜ୍ୟର ପୋଲିସ ସହ ଯୋଗାଯୋଗ ରହିଛି। ସେମାନେ ବହୁ ସାହାଯ୍ୟ କରୁଥିବା ଡିସିପି ପ୍ରତୀକ ସିଂ କହିଛନ୍ତି। ତାଙ୍କ ସୂଚନାନୁସାରେ, କମିଶନରେଟ ପୋଲିସ ଗିରଫ କରିଥିବା ଉତ୍ତରପ୍ରଦେଶ ସାମ୍‌ଲି ଜିଲା ଝିଂଝାଣା ଥାନା ଅଞ୍ଚଳର ପ୍ରଦୀପ କୁମାର, ବିକାଶ, ରବି କୁମାର ଓ ବାବୁ ରାମ୍‌ଙ୍କ ନାମରେ ଏଯାବତ୍ ଶତାଧିକ ମାମଲା ରହିଥିବା ଜଣାପଡିଛି। ବିଶେଷକରି ଅଭିଯୁକ୍ତ ପ୍ରଦୀପ ଓ ରବିଙ୍କ ପୂର୍ବ ଆପରାଧିକ ରେକର୍ଡ ସଂକ୍ରାନ୍ତ ଅଧିକ ତଥ୍ୟ କମିଶନରେଟ ପୋଲିସ୍‌ର ହସ୍ତଗତ ହୋଇଛି। ରାଜସ୍ଥାନ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବେଙ୍ଗାଲୁରୁ, ହରିୟାନା, ହାଇଦ୍ରାବାଦ ଆଦି ରାଜ୍ୟରେ ସେମାନଙ୍କ ନାମରେ ୧୦୦ରୁ ଅଧିକ ମାମଲା ରହିଛି। କେଉଁ ରାଜ୍ୟରେ ଏମାନେ ମୋଷ୍ଟ ୱାଣ୍ଟେଡ୍ ଅଛନ୍ତି ତାହାର ତଥ୍ୟ ପାଇଁ ବିଭିନ୍ନ ରାଜ୍ୟର ପୋଲିସ ସହ ଯୋଗାଯୋଗ ଜାରି ରହିଥିବା ଡିସିପି ସିଂ କହିଛନ୍ତି। ଅନ୍ୟପଟେ ଝାରପଡା ଜେଲରେ ଥିବା ୪ଅଭିଯୁକ୍ତଙ୍କ ଟିଆଇ ପରେଡ କରାଯାଉଛି। ୪ଟି ମାମଲାରେ ଅଭିଯୋଗକାରୀମାନେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ସେ ସୂଚନା ଦେଇଛନ୍ତି।

ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରେ ଏହି ଗ୍ୟାଙ୍ଗ୍ ସଦସ୍ୟମାନେ ସକ୍ରିୟ ଥିଲେ। ଛିନତାଇ, ଚୋରି କରି ଫେରାର ହୋଇଯାଇଥିଲେ। ଏନେଇ ବିଭିନ୍ନ ଥାନାରେ ଅଭିଯୋଗ ପରେ ଏଥିରେ ଗୋଟିଏ ଗ୍ୟାଙ୍ଗ କାମ କରୁଥିବା କମିଶନରେଟ ପୋଲିସ ସନ୍ଦେହ କରିବା ସହ ଧରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲା। ପରେ ଗ୍ୟାଙ୍ଗର ୪ଜଣଙ୍କୁ ପୁରୀରୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୧୬ଟି ସୁନାଚେନ୍, ୨ଟି ବାଇକ, ୨ଟି ମୋବାଇଲ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଥିଲା। ସେମାନଙ୍କ ନାମରେ ବିଭିନ୍ନ ଜିଲାରେ ୨୭ରୁ ଅଧିକ ମାମଲା ଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।

# ଆରମ୍ଭ ହେଲା ଶୀତଳଷଷ୍ଠୀ ମହୋତ୍ସବ, ଉଦ୍ୟୋଗୀ ମେଳା



ମହୋତ୍ସବକୁ ମନ୍ତ୍ରୀ ରୀତା ସାହୁ ଓ ଅନ୍ୟ ଅତିଥି କେକ୍ କାଟି ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୧।୬(ବ୍ୟୁରୋ)

ମହିଳା ଉଦ୍ୟୋଗୀ ଓ ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ୩ଦିନିଆ ଶୀତଳ ଷଷ୍ଠୀ ମହୋତ୍ସବ ଓ ଉଦ୍ୟୋଗୀ ମେଳା ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ, ପାରମ୍ପରିକ ପିଠାପଣା, ସୁସ୍ୱାଦୁ ଓଡ଼ିଆ ଖାଦ୍ୟ, ମାଣ୍ଡିଆ ଜାତ ଖାଦ୍ୟ ପାଇଁ ବିଭିନ୍ନ ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଛି। ଏହା ସହିତ ଇଲେକ୍ଟ୍ରୋନିକ୍ସ, ଆଇଟି, ଫିଟ୍‌ନେସ ଓ ବିୟୁଟି ସେକ୍ଟରରେ କାମ କରୁଥିବା ମହିଳା ଉଦ୍ୟୋଗୀ ନିଜର ଷ୍ଟଲ୍ ପକାଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ କୋଠାବାଡ଼ି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ଅଧକ୍ଷା ଶ୍ରୀମୟୀ ମିଶ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକ ପ୍ରବୋଧ ରଥ, ରାଜ୍ୟ ପଣ୍ୟାଗାର ନିଗମ ଅଧକ୍ଷ ମହେନ୍ଦ୍ର କୁମାର ବଢ଼େଇ, ଈପ୍ସିତା ସାହୁ, ଫ୍ୟାଶନ ଡିଜାଇନର ଜୁବିନା ଅଲ୍ଲୀ, ମହିଳା ଉଦ୍ୟୋଗୀ ପ୍ରସନ୍ନା ପତି, କଣ୍ଠଶିଳ୍ପୀ ଜୟଶ୍ରୀ ଧଳଙ୍କ ସହିତ ବହୁ ମହିଳା ଉଦ୍ୟୋଗୀ ଉପସ୍ଥିତ ଥିଲେ। ଶିବାଂଶୀ ଫାଉଣ୍ଡେଶନର ସଦସ୍ୟା, ପଶ୍ଚିମ ଓଡ଼ିଶାର ବୁଦ୍ଧିଜୀବୀ, ମିଶନ ଶକ୍ତିର ସଦସ୍ୟା ଓ ମହିଳା ଉଦ୍ୟୋଗୀଙ୍କ ମିଳିତ ଉଦ୍ୟମରେ ଏହି ମହୋତ୍ସବର ପରିକଳ୍ପନା କରାଯାଇଛି।

# ଅଭିଜିତ ମଜୁମଦାର, ଗୀତା ଖୁଣ୍ଟିଆଙ୍କୁ ମୂର୍ଚ୍ଛନା ସମ୍ମାନ




ସୂଚନା ଭବନଠାରେ ଆୟୋଜିତ ମୂର୍ଚ୍ଛନାର ବାର୍ଷିକ ଉତ୍ସବ ଓ ସଙ୍ଗୀତ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ଭୁବନେଶ୍ୱର,୧।୬(ବ୍ୟୁରୋ)

**ଗୀତା ପଟ୍ଟନାୟକଙ୍କୁ 'ଆଜୀବନ ସାଧନା ସମ୍ମାନ'**

ସଙ୍ଗୀତ, ନୃତ୍ୟ, ବାଦ୍ୟ, ନାଟକ ତଥା ସାଂସ୍କୃତିକ ଅନୁଷ୍ଠାନ 'ମୂର୍ଚ୍ଛନା'ର ୧୯ତମ ବାର୍ଷିକୋତ୍ସବ ଓ ସଙ୍ଗୀତ ଉତ୍ସବ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗୀତ ସାଧନା ପାଇଁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କୁ 'ମୂର୍ଚ୍ଛନା ସଂଗୀତକାର ସମ୍ମାନ' ଓ ବିଶିଷ୍ଟ ଗୀତିକାର ଗୀତା ଖୁଣ୍ଟିଆଙ୍କୁ 'ମୂର୍ଚ୍ଛନା ଗୀତିକାର ସମ୍ମାନ' ପ୍ରଦାନ କରାଯାଇଛି। ସେହିପରି ସଙ୍ଗୀତ, ସାହିତ୍ୟ କ୍ଷେତ୍ରରେ ଆଜୀବନ ସାଧନା ପାଇଁ ଗୀତା ପଟ୍ଟନାୟକଙ୍କୁ 'ଆଜୀବନ ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଅତିଥି ଭାବେ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗର ଅତିରିକ୍ତ ଶାସନ ସଚିବ ନୀତି ରଞ୍ଜନ ସେନ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇଥିଲେ। ଅତିଥିମାନେ ଅନୁଷ୍ଠାନର ମୁଖପତ୍ର 'ମୂର୍ଚ୍ଛନା ୨୦୨୩'କୁ ଉନ୍ମୋଚନ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଜୟଶ୍ରୀ ସାହୁ, ଅଜୟ ମହାନ୍ତି, ମହେନ୍ଦ୍ର ଆଚାର୍ଯ୍ୟ, ଶତରୂପା, ଶୁଭାଶିଷ ମହାକୁଡ଼ ଓ ଆର୍ଯ୍ୟ ଆଚାର୍ଯ୍ୟ ପ୍ରମୁଖ ଓଡ଼ିଆ ଚଳଚ୍ଚିତ୍ରର ପୁରୁଣା ସୁମଧୁର ଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବୈଷ୍ଣବ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ପ୍ରଦୋଷ ପଟ୍ଟନାୟକ ଉଦ୍‌ବୋଧନ ଦେଇଥିଲେ। ସମ୍ପାଦକ ଅଜୟ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବାବେଳେ କମଲ କିରଣ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉପସଭାପତି ଗୋଲକ ଚରଣ ମାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ହେମନ୍ତ ପରମଗୁରୁ, ରବୀନ୍ଦ୍ର ମହାନ୍ତି, ତୁଷାରକାନ୍ତି ଚୌଧୁରୀ, ପ୍ରଣୟ ଜେଠୀ, ଦେବେନ୍ଦ୍ର ସାହୁ ଓ ପୁଷ୍ପମିତ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତ ସୁଜିତଙ୍କୁ ୭ ଦିନିଆ ରିମାଣ୍ଡ ଆବେଦନ

**ଖଣ୍ଡାରେ ହାଣି ହତ୍ୟା ଘଟଣା**

ଭୁବନେଶ୍ୱର,୧।୬(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୧ ଜିଇଡି ବସ୍ତିରେ ସୁଶାନ୍ତ ନାୟକ ଓରଫ କାଳିଆଙ୍କୁ ଖଣ୍ଡାରେ ହାଣି ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସୁଜିତ ନାୟକ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ବୁଧବାର ଆତ୍ମସମର୍ପଣ କରିବା ପରେ ସେ ଏବେ ଜେଲରେ ଅଛନ୍ତି। ସୁଜିତଙ୍କଠାରୁ ଘଟଣା ସଂକ୍ରାନ୍ତରେ ଅଧିକ ତଥ୍ୟ ଓ ଫେରାର ଅଭିଯୁକ୍ତଙ୍କ ଠିକଣା ପାଇବା ପାଇଁ ତାଙ୍କୁ ୭ ଦିନିଆ ରିମାଣ୍ଡରେ ଆଣିବାକୁ ପୋଲିସ ଗୁରୁବାର କୋର୍ଟରେ ଆବେଦନ କରିଛି। ଏନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଜିଇଡି ବସ୍ତିରେ ପାଖାପାଖି ରହୁଥିବା ମୃତ ସୁଶାନ୍ତଙ୍କ ପରିବାର ଓ ସୁଜିତଙ୍କ ପରିବାର ମଧ୍ୟରେ ମାସେ ହେଲା ବିବାଦ ଲାଗି ରହିଥିଲା। ମେ' ୨୪ ଭୋର୍ ପ୍ରାୟ ୪ଟାରେ ସୁଶାନ୍ତ ବିଏମ୍‌ସିର ଠିକା ସଂସ୍ଥା ଜାଗୃତିରେ କାମ କରୁଥିବା ତାଙ୍କ ସ୍ତ୍ରୀଙ୍କୁ କ୍ଷେତ୍ରସ୍ଥଳ ୟୁନିଟ୍-୪ ଅଞ୍ଚଳରେ ଛାଡ଼ି ବାଇକ୍‌ରେ ଘରକୁ ଫେରୁଥିବାବେଳେ ସୁଜିତ ଓ ଅନ୍ୟମାନେ ଖଣ୍ଡାରେ ହାଣି କରି ହତ୍ୟା କରିଥିଲେ।

# ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ଜନ୍ମତିଥିରେ ରୋଗୀଙ୍କୁ ଖାଦ୍ୟ ବଣ୍ଟନ



ସତସଙ୍ଗୀ ସାମ୍ବାଦିକ ସାମ୍ମୁଖ୍ୟ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କୁ ଫଳ ଦିଆଯାଉଛି।

ଭୁବନେଶ୍ୱର,୧।୬(ବ୍ୟୁରୋ)

ସତ୍‌ସଙ୍ଗର ଆଧ୍ୟାତ୍ମିକ ମୁଖ୍ୟ ପରମ ପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ୫୬ତମ ଜନ୍ମତିଥି ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି କ୍ରମରେ ଭୁବନେଶ୍ୱରରେ ସତସଙ୍ଗୀ ସାମ୍ବାଦିକ ସାମ୍ମୁଖ୍ୟ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କୁ ଫଳ ଏବଂ ବିସ୍କୁଟ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇ ରୋଗୀଙ୍କୁ ଫଳ ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଲାଇଭ୍‌ର ସିଇଓ ତଥା ସମ୍ପାଦକ ନୀଳାମ୍ବର ରଥ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ୟାପିଟାଲ ହସ୍ପିଟାଲର ଅଧୀକ୍ଷକ ଡା. ଲକ୍ଷ୍ମୀଧର ସାହୁ ଓ ଉପଅଧୀକ୍ଷକ ଡା.ଧନଞ୍ଜୟ ଦାସ ପ୍ରମୁଖ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ସକାଳ ସମୟରେ କ୍ୟାପିଟାଲ ହସ୍ପିଟାଲର ଭେଷଜ ବିଭାଗ, ହୃଦରୋଗ ବିଭାଗ, ଅସ୍ଥିଶଲ୍ୟ ବିଭାଗ, ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ୱାର୍ଡରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ ଫଳ ଓ ବିସ୍କୁଟ ଦିଆଯାଇଥିଲା। ସାମ୍ବାଦିକ ଧୃତିକାମ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଗବତ ତ୍ରିପାଠୀ, ଦୋଳଗୋବିନ୍ଦ ପଣ୍ଡା, ଶ୍ରୀକାନ୍ତ ସାହୁ, ବୀରଭଦ୍ର ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ସେଠୀ, ରୁଦ୍ରନାରାୟଣ ଜେନା, ସୁଧୀର କୁମାର ଜେନା, ଧନେଶ୍ୱର ମହାରଣା, ନୀଳକଣ୍ଠ ସାହୁ, ପ୍ରଦୀପ କୁମାର ଦେହୁରି, ଶତ୍ରୁଜିତ ମହାନ୍ତି, ଭୃଗୁନାରାୟଣ ମହାରଣା, ଦୀପକ କୁମାର ପରି ଓ ସୁଧାରାଣୀ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସମୂହ ଛୁଟିରେ ଖୋର୍ଦ୍ଧା ଜିଲାସ୍ତରୀୟ ଅମଲା

ଭୁବନେଶ୍ୱର,୧।୬(ବ୍ୟୁରୋ)

ବେସିକ୍ ପେ' ୫,୨୦୦ରୁ ୯,୩୦୦ ଟଙ୍କା ଏବଂ ଗ୍ରେଡ୍ ପେ' ୧,୯୦୦ ଟଙ୍କାରୁ ୪,୨୦୦ ଟଙ୍କା ବୃଦ୍ଧି ପାଇଁ ଜିଲାସ୍ତରୀୟ ସରକାରୀ କର୍ମଚାରୀମାନେ ଦାବିକରି ଆସୁଛନ୍ତି। ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ସରକାରଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ସରକାର ସେମାନଙ୍କ ଦାବି ନ ଶୁଣିବାରୁ ଗୁରୁବାରଠାରୁ ଅମଲାମାନେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟାଳୟକୁ ଯିବେ ନାହିଁ ଓ ସମୂହ ଛୁଟିରେ ରହିବେ ବୋଲି ମଞ୍ଚର ଖୋର୍ଦ୍ଧା ଜିଲା ଶାଖା ସଭାପତି ପ୍ରଦୀପ କୁମାର ସେଠୀ ସୂଚନା ଦେଇଛନ୍ତି। ସ୍ଥାନୀୟ କର୍ମଚାରୀ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେଠୀ କହିଛନ୍ତି, ରାଜ୍ୟ ସରକାର ଯେଉଁ ନିୟମ କରୁଛନ୍ତି ତାକୁ ନିଜେ ପାଳନ କରୁନାହାନ୍ତି। ଜିଲାସ୍ତରୀୟ ଅମଲାମାନେ ଗ୍ରାଜୁଏଶନ ସହିତ କମ୍ପ୍ୟୁଟର ଡିଗ୍ରୀ ହାସଲ କରି କାର୍ଯ୍ୟରେ ଯୋଗ ଦେଉଛନ୍ତି। ମାତ୍ର ସେମାନଙ୍କୁ ମାଟ୍ରିକ ସମତୁଲ ଯୋଗ୍ୟତା ଭିତ୍ତିକ ଦରମା ପ୍ରଦାନ କରାଯାଉଛି। ରାଜ୍ୟରେ କାର୍ଯ୍ୟରତ ୩୦ ହଜାର ଅମଲା ଦୁଃଖରେ ଜୀବନ କାଟୁଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗ ଭଳି କିଛି ବିଭାଗରେ କର୍ମଚାରୀଙ୍କ ଦରମା ଓ ଭତ୍ତା ବୃଦ୍ଧି କରିଥିଲେ ମଧ୍ୟ ଜିଲାସ୍ତରୀୟ ଅମଲାଙ୍କ କ୍ଷେତ୍ରରେ ତାହା ଲାଗୁ କରୁନାହାନ୍ତି। ତେଣୁ ଏହା ଉପରେ ତୁରନ୍ତ ବିଚାର କରିବାକୁ ମଞ୍ଚ ଦାବି କରିଛି। ଦାବି ପୂରଣ ନ ହେବା ଯାଏ କୌଣସି କର୍ମଚାରୀ କାର୍ଯ୍ୟରେ ଯୋଗଦେବେ ନାହିଁ ଏବଂ ସମୂହ ଛୁଟିରେ ରହିବେ ବୋଲି ସେଠୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ମଞ୍ଚ ଉପସଭାପତି ଶୁଭେନ୍ଦୁ ରାଉତରାୟ, ଯୁଗ୍ମ ସମ୍ପାଦକ କଳ୍ପନା ସାହା, କାର୍ଯ୍ୟକାରୀ ସଭାପତି ପବିତ୍ର କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ସାଲେପୁର,୧।୬(ଡି.ଏନ୍.ଏ.)

ସ୍ଥାନୀୟ ଜପକୁଦ ଫାଣ୍ଡି ନିକଟ ମହନାପୁର ଗ୍ରାମର ଜଣଙ୍କ ଘରୁ ଚୋରି ହୋଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ପରେ ମଧ୍ୟ ପୋଲିସ ଏହି ଘଟଣାରେ କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ବୁଧବାର ବିଳମ୍ବିତ ରାତିରେ ବିଜୟ ସାମଲଙ୍କ ଘରେ ପଶି ବାହାରପଟୁ ତାଲା ପକାଇ ଦେଇଥିଲେ। ଏହି ସମୟରେ ବିଜୟ ଏବଂ ତାଙ୍କ ଝିଅ ଡୋନା ସାମଲ ଅନ୍ୟ ଘରେ ଶୋଇଥିଲେ। ଏହାପରେ ଦୁର୍ବୃତ୍ତ ଘର ଭିତରୁ ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ସହ ନଗଦ ୫ ହଜାର ଟଙ୍କା ନେଇଯାଇଛନ୍ତି।

# ଅଭିଯୋଗ ପରେ ଲାଗିଲା ଫଳକ

ବାଙ୍କୀ,୧।୬(ସ୍ୱ.ପ୍ର.)

**୨୪ ଘଣ୍ଟା ନ ପୂରୁଣୁ ଭାଙ୍ଗିଦେଲେ**

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡ଼ି ପଞ୍ଚାୟତର ସିଟି ସ୍କୁଲଠାରୁ ମହିଳା କଲେଜ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଛି। ଏଥିରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହେବାପରେ ସୂଚନା ଫଳକ ଲଗାଯାଇଥିଲା। ମାତ୍ର ୨୪ ଘଣ୍ଟା ନ ପୂରୁଣୁ ସୂଚନା ଫଳକ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଛି।

ରାସ୍ତାପାଇଁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ୨ଟି ଯୋଜନାରେ ବ୍ୟୟବରାଦ ହୋଇଛି। ମାତ୍ର କାମଟି ୮ ଇଞ୍ଚର ସ୍ଥାନରେ ୪ ଇଞ୍ଚର ହୋଇଥିବା ଅଭିଯୋଗ ଆସିଥିଲା। ଏଥିସହିତ ରାସ୍ତା ନିର୍ମାଣସ୍ଥଳରେ ୫ ଲକ୍ଷର ସୂଚନା ଫଳକ ଲଗାଯାଇଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଗତ ମାସ ୨୯ ତାରିଖରେ ଡମପଡ଼ା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣିରେ ଗ୍ରାମର ଆଶିଷ ମହାପାତ୍ରଙ୍କ ସହିତ ଅନ୍ୟକେତେଜଣ ଯୁବକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗରେ ବିଭାଗୀୟ ଯନ୍ତ୍ରୀ ନିମ୍ନମାନର କାର୍ଯ୍ୟକରି ଅର୍ଥ ହଡ଼ପ କରିଥିବା ଉଲ୍ଲେଖ ଥିଲା। ଏଥିସହିତ ୭ ଲକ୍ଷ ଟଙ୍କା ବଦଳରେ ୫ ଲକ୍ଷର ସୂଚନା ଫଳକ କେଉଁଥି ପାଇଁ ଲଗାଗଲା ବୋଲି ଦାବିପତ୍ରରେ ପ୍ରଶ୍ନ କରାଯାଇଥିଲା। ମାତ୍ର ଅଭିଯୋଗର ପରଦିନ ଅର୍ଥାତ ଗତ ମାସ ୩୦ ତାରିଖରେ ହଠାତ୍ ତରବରିଆ ଭାବେ ରାତିଅଧିଆ ଫଳକ ଲେଖାଯାଇଥିବା ଦେଖିବାକୁ ମିଳିଥିଲା। ଯେଉଁଥିରେ ଅଟକଳ ମୂଲ୍ୟ ୨, ୦୨, ୩୫୨ ଟଙ୍କା ବୋଲି ଉଲ୍ଲେଖ କରାଯିବା ସହ ବିଭାଗୀୟ ଅଧିକାରୀ କାର୍ଯ୍ୟ କରିଥିବା ଦର୍ଶାଯାଇଥିଲା। ଏ ସମ୍ପର୍କରେ ଖବର ପାଇ ଅଭିଯୋଗକାରୀ ଫଟୋ ଉତ୍ତୋଳନ କରିଥିଲେ। ଏହାପରେ ୩୧ ତାରିଖ ସକାଳୁ ସୂଚନା ଫଳକ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁର୍ନୀତି ହୋଇଥିବାରୁ ଦୋଷ ଲୁଚାଇବା ପାଇଁ ତରବରିଆ ଭାବେ ସୂଚନା ଫଳକ ଲଗାଯାଇଥିଲା। ପରବର୍ତ୍ତୀ ସମୟରେ ତଦନ୍ତକୁ ବାଟବଣା କରିବା ପାଇଁ ଫଳକ ଭଙ୍ଗାଯାଇଛି ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି। ତେଣୁ ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମର ସଚେତନ ଯୁବକମାନେ ଦାବି କରିଛନ୍ତି।






# ସିଆର୍‌ପି ମାର୍କେଟକୁ ସିଧାସଳଖ ପ୍ରବେଶ ପଥ ନାହିଁ

ଭୁବନେଶ୍ୱର, ୧।୬ (ବ୍ୟୁରୋ)

ବିଏମ୍‌ସି ପକ୍ଷରୁ ଚାଲିଥିବା 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ଗୁରୁବାର ୱାର୍ଡ ନଂ. ୪୮ରେ ଅନୁଷ୍ଠିତ ହୋଇଯାଇଛି। ୱାର୍ଡର ୮ନମ୍ବର କମ୍ୟୁନିଟି ସେଣ୍ଟରଠାରେ ଆୟୋଜିତ ଏହି ବୈଠକରେ ସ୍ଥାନୀୟ କର୍ପୋରେଟର ସୁଚିତ୍ରା ପାତ୍ର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠୀ, ଆସିଷ୍ଟାଣ୍ଟ କମିଶନର ମୃତ୍ୟୁଞ୍ଜୟ ମହାପାତ୍ର, ପରିଚାଳନା ଯନ୍ତ୍ରୀ ଅମୀସ ମିଶ୍ର ପ୍ରମୁଖ ଉପସ୍ଥିତ ରହି ୱାର୍ଡବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସ୍ଥାନୀୟ ନାଗରିକ ବିଭିନ୍ନ ପ୍ରସ୍ତାବ ଓ ଅଭିଯୋଗ ଉପସ୍ଥାପନ କରିଥିଲେ। ସିଆର୍‌ପି ବଜାର ସମ୍ମୁଖ ରାସ୍ତାରେ ଡିଭାଇଡର ହୋଇଯିବାରୁ ବଜାରକୁ ସିଧାସଳଖ ପ୍ରବେଶ ପଥ ନାହିଁ। ଫଳରେ ସେଠାକୁ ଯିବାକୁ ଗ୍ରାକହ ହଇରାଣ ହେବା ସହ ଦିନକୁ ଦିନ ବଜାରେ ବେପାର କମୁଥିବା ଅଭିଯୋଗ ହୋଇଥିଲା। ସେହିପରି ସେଠାରେ ଏକ ଶୌଚାଳୟ ନିର୍ମାଣ କରିବା, ମାର୍କେଟର ଆଲୋକିକରଣ, ଡ୍ରେନ ସ୍ଲାବ୍‌କୁ ସଂପୂର୍ଣ୍ଣ କରିବା, ଶିରିପୁର ମାର୍କେଟ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ଓ ମାର୍କେଟର ଛାତ ମରାମତି, ବିପଦ ସଂକୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡିକ ପରିବର୍ତ୍ତନ, ରାସ୍ତାରୁ ଜବର ଦଖଲ ଉଚ୍ଛେଦ, ମୁଣ୍ଡା ସାହି ଅଞ୍ଚଳରେ ଥିବା ବିଦ୍ୟାଳୟ ପାଚେରୀକୁ ଲାଗି ଶିଶୁ ଉଦ୍ୟାନ ପ୍ରତିଷ୍ଠା କରିବା, ମୁଣ୍ଡା ସାହିରେ ପରିଚୟ ଗୃହ ଓ କଲ୍ୟାଣମଣ୍ଡପ ନିର୍ମାଣ କରିବା, କୃଷି ବିହାର ବସ୍ତି ଏସ୍‌ଏଚ୍‌ଜି ପାଇଁ ପରିଚୟ ଗୃହ ନିର୍ମାଣ, ତୁଳସୀ ବସ୍ତିରେ ସାହି ରାସ୍ତା ମରାମତି ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଅପରପକ୍ଷେ ମେୟର ଗତ ୧ବର୍ଷ ମଧ୍ୟରେ ୱାର୍ଡରେ ହୋଇଥିବା ଉନ୍ନତିକରଣ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆପତ୍ତି ଅଭିଯୋଗ ଶୁଣିସାରିବା ପରେ ମେୟର କେତେକ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହ ମେୟର, କର୍ପୋରେଟର, ଅତିରିକ୍ତ କମିଶନରଙ୍କ ସମେତ ଟିମ୍ ବିଏମ୍‌ସି ସିଆର୍‌ପି ମାର୍କେଟ ଓ ପ୍ରୀୟଦର୍ଶିନୀ ବଜାର ପରିଦର୍ଶନ କରିଥିଲେ।




ୱାର୍ଡ ନଂ-୪୮ରେ ଅନୁଷ୍ଠିତ 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ**

